**ସଂକ୍ଷେପରେ**

## ଚଣ୍ଡିଖୋଲ ପ୍ରେସ୍‌କ୍ଲବ ପକ୍ଷରୁ ମଧୁସୂଦନ ଦାସ ଜୟନ୍ତୀ

ବଡ଼ଚଣା,୨୮।୪(ଦିଲୀପ କୁମାର ମହାନ୍ତି): ଚଣ୍ଡିଖୋଲ ପ୍ରେସ୍‌କ୍ଲବଠାରେ ମଙ୍ଗଳବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରେସ୍‌କ୍ଲବ ସଭାପତି ବେଣୁଧର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବକ୍ତାମାନେ ଯୋଗଦେଇ ଓଡ଼ିଶାବାସୀଙ୍କ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ମଧୁବାବୁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ଦିଲୀପ ମହାନ୍ତି, ଉପସଭାପତି ପ୍ରଶାନ୍ତ ଜେନା, ସମରେନ୍ଦ୍ର ମାହାଲା, ସଂପାଦକ ହେମେଶ ଜେନା, କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ବିଶ୍ୱାଳ, ଅଭିମନ୍ୟୁ ଧଳ, ଶିବରାମ ସାହୁ, ପ୍ରତାପ କେଶରୀ ରାଉତରାୟ, ନରେନ୍ଦ୍ର ରାଉତ, ମନୋଜ ସାହୁ, ତ୍ରିଲୋଚନ ବେହେରା ପ୍ରମୁଖ ଯୋଗଦେଇ ମଧୁସୁଦନଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ।

## ପଙ୍କପାଳ ସରପଞ୍ଚଙ୍କ ପରଲୋକ

କଳିଙ୍ଗନଗର,୨୮।୪(ଶୁଭାଶିଷ ରାଉତ): ଯାଜପୁର ଜିଲା ସୁକିନ୍ଦା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଦାନଗଦି ବ୍ଲକ ପଙ୍କପାଳ ପଞ୍ଚାୟତର ସରପଞ୍ଚ ସ୍ମୃତିରଞ୍ଜନ



ଜେନା(ମିଟିକୋ)ଙ୍କ ୩୯ ବର୍ଷ ବୟସରେ ମଙ୍ଗଳବାର ପରଲୋକ ହୋଇଯାଇଛି। ସେ ଗତ ବୁଧବାର ଯାଜପୁର ରୋଡକୁ କୌଣସି କାମରେ ଆସିଥିବାବେଳେ ବ୍ରେନ ଷ୍ଟ୍ରୋକ ହୋଇଥିଲା। ତାଙ୍କୁ ପ୍ରଥମେ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଏହାପରେ ଟାଟା ମେଡିକା ଓ ସେଠାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଧ୍ୟାହ୍ନ ୧୨ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ସ୍ଥାନୀୟ ଅଞ୍ଚଳରେ ଜଣେ ସରଳ, ପରୋପକାରୀ ଏବଂ ମିଷ୍ଟଭାଷୀ ମଣିଷ ଭାବେ ବେଶ ପରିଚିତ ଥିଲେ। ଭାଜପାର ଛାମୁଆ ସଂଗଠକ ଭାବେ କାର୍ଯ୍ୟ କରୁଥିଲେ। ସ୍ମୃତିରଞ୍ଜନଙ୍କ ବିୟୋଗରେ ସୁକିନ୍ଦା ବିଧାୟକ ତଥା ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଶୋକପ୍ରକାଶ କରିବା ସହ ସୁକିନ୍ଦା ଭାଜପା ପରିବାର ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଛନ୍ତି।

## ଶତାୟୁ ମହିଳାଙ୍କ ପରଲୋକ

ଧର୍ମଶାଳା,୨୮।୪(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଚୋରମୁହାଁ ପଞ୍ଚାୟତ ବଡ଼ମଙ୍ଗଳପୁର ଗ୍ରାମର ଶତାୟୁ ମହିଳା କୁଞ୍ଜଲତା ନାୟକଙ୍କ ୧୦୬ ବର୍ଷ ବୟସରେ ବାର୍ଦ୍ଧକ୍ୟ ଜନିତ ରୋଗରେ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣା ମହିଳା ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ଆସି ଶେଷ ଦର୍ଶନ କରିଥିଲେ। ତାଙ୍କନାତି ଯଥା ଯୁବନେତା କ୍ଷୀତିଶ ନାୟକଙ୍କ ସମେତ ଆତ୍ମୀୟ ସ୍ୱଜନ ଉପସ୍ଥିତଥିଲେ। ତାଙ୍କ ବିୟୋଗରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶାନ ପଣ୍ଡା ଓ ବିଭିନ୍ନ ଦଳର ରାଜନେତା ଶୋକ ପ୍ରକାଶ କରିଛନ୍ତି। ମରଶରୀରକୁ ଜାରକା ବଜାର ପରିକ୍ରମା କରାଯିବା ପରେ ସ୍ଥାନୀୟ ଶ୍ମଶାନରେ ଶେଷକୃତ ସମ୍ପନ୍ନ କରାଯାଇଛି। ସାନପୁଅ ଅଭିରାମ ନାୟକ ମୁଖାଗ୍ନି ଦେଇଛନ୍ତି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଉଦୀୟମାନ ପରିବାର ପକ୍ଷରୁ ମଧୁସୂଦନ ଦାସଙ୍କ ଜୟନ୍ତୀ

ଚଣ୍ଡିଖୋଲ,୨୮।୪(ପ୍ରଦୀପ୍ତ କୁମାର ପୃଷ୍ଟି): ଉଦୀୟମାନ ପରିବାର ତରଫରୁ ମଙ୍ଗଳବାର କୁଳବୃଦ୍ଧ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଚଣ୍ଡିଖୋଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ଥାପିତ ପ୍ରତ୍ୟେକ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ସ୍ୱେଚ୍ଛାସେବୀମାନେ ପ୍ରଭାତରୁ ଶ୍ରଦ୍ଧାସୁମନ ଅର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ଧାନମଣ୍ଡଳସ୍ଥିତ ଉଦୀୟମାନ କଳା ପରିଷଦରେ ଛାତ୍ରୀଛାତ୍ର ମଧୁବାବୁଙ୍କ ଜୟନ୍ତୀ ପାଳନ କରିଥିଲେ। ଏଥିରେ ଅତିଥିଭାବରେ ଗାନ୍ଧିଆନ ରାମଚନ୍ଦ୍ର ଶୁକ୍ଳ, ସାମାଜିକ କର୍ମୀ ହୃଷୀକେଶ ସାମଲ, ଅନୁଷ୍ଠାନର ସମ୍ପାଦିକା ଅରୁଣୀ ନନ୍ଦ, କାର୍ଯ୍ୟକାରୀ ସଭାପତି ଗାୟତ୍ରୀ ରାଉତ, ସ୍ୱେଚ୍ଛାସେବୀ ସରସତୀ ସିଂ, ଗୀତାଞ୍ଜଳି ସାମଲ, ଡମ୍ବରୁଧର ପ୍ରଧାନ, ଅନିଲ ପାତ୍ର, ସୁକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍କଳ ଗୌରବଙ୍କ ଜୀବନୀ ଉପରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ।

# କୋପଣ୍ଡ ପଡ଼ିଆରେ ୧୬୩ ଧାରା ଲାଗୁ

### କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନକୁ ନେଇ ବିବାଦ

ଯାଜପୁର/ବ୍ୟାସନଗର,୨୮।୪(ହର୍ଷବର୍ଦ୍ଧନ ବେହେରା/ ପବିତ୍ର ରଞ୍ଜନ ମହାନ୍ତି):

ଯାଜପୁର ରୋଡ ଥାନା ବ୍ୟାସନଗର ତହସିଲ କୋପଣ୍ଡ ମୌଜାର ୫୬୧ ଖାତା ନମ୍ବର ୨୯୧ ପ୍ଲଟର ୦.୬୬ ଏକର ବିଶିଷ୍ଟ କୋପଣ୍ଡ ଖେଳପଡିଆ ଉପରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ମଙ୍ଗଳବାର ଭାରତୀୟ ନାଗରିକ ସୁରକ୍ଷା ସଂହିତା(ବିଏନଏସଏସ୍)ର ଧାରା ୧୬୩ ଲାଗୁ କରିଛନ୍ତି। କୋପଣ୍ଡ ଗ୍ରାମର ଉଭୟ ଗୋଷ୍ଠୀରେ ହୋଇଥିବା ବିବାଦ ଯୋଗୁ ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଏହି ପଦକ୍ଷେପ ଗ୍ରହଣ ସହ ୨୮।୪।୨୦୨୬ରୁ୨୭।୬।୨୦୨୬ ପର୍ଯ୍ୟନ୍ତ ଉକ୍ତଜମିର ୫୦୦ମିଟର ପରିଧି ମଧ୍ୟରେ ୫ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ଏକାଠି ଉପସ୍ଥିତିକୁ ନିଷେଧ କରାଯାଇଛି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଉକ୍ତ ପଡିଆରେ କ୍ରିକେଟ ଖେଳର ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି। ପଡିଆରେ ଗ୍ରାମଦେବୀ ମା' ଥାନପତି ଓ ହନୁମାନ ମନ୍ଦିର ନିକଟରେ ଅବସ୍ଥିତ। ଏଠାରେ ଅଷ୍ଟପ୍ରହର ନାମଯଜ୍ଞ ସମେତ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଓ ରଜମହୋତ୍ସବ ଆୟୋଜନ କରାଯାଇଥାଏ। ଅନ୍ୟ ସମୟରେ ପଡିଆଟି ଗୋରୁଙ୍କ ବିଚରଣ ପାଇଁ ବ୍ୟବହାର ହୋଇଥାଏ। ଏଠାରେ ଗ୍ରାମର ବିଭିନ୍ନ ବିବାହ, ବ୍ରତ ଓ ଏକାଦଶାହ ଆଦି କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥାଏ।



ଗ୍ରାମବାସୀଙ୍କ ସହ ଯାଜପୁର ରୋଡ୍ ଥାନା ଅଧିକାରୀ ଆଲୋଚନା କରୁଛନ୍ତି।

ମାତ୍ର କେତେଜଣ ରାଜନୈତିକ ବ୍ୟକ୍ତିଙ୍କ ରାତିଅଧିଆ ନିଷ୍ପତ୍ତିକ୍ରମେ ରାଜନୈତିକ ମନ୍ଦ ଉଦ୍ଦେଶ୍ୟ ରଖି ଏବେ ବିଭିନ୍ନ ଗ୍ରାମର ପିଲାଙ୍କୁ ନେଇ କ୍ରିକେଟ ଟୁର୍ନାମେଣ୍ଟର ଆୟୋଜନ କରାଯାଉଥିବା ଦୃଷ୍ଟିଗୋଚର ହୋଇଛି। ଯାହା ଗ୍ରାମବାସୀଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ଏହା ଦ୍ୱାରା ଗ୍ରାମରେ ବିଶୃଙ୍ଖଳା ଉପୁଜିବା ସହିତ ଗୋଷ୍ଠୀ ବିବାଦ ଦେଖାଦେବା ସମ୍ଭାବନା ରହିଛି। ଏହାବାଦ ପଡିଆ ନିକଟରେ ଦୁଇ ଗଭୀର ପୋଖରୀ(ଶିଳପୋଖରୀ) ଏବଂ ଏହାର ଚତୁଃପାର୍ଶ୍ୱରେ କାଚ ଝରକା କବାଟ ଥିବା ଘରଗୁଡିକ ରହିଛି। ଏହା ନିକଟବର୍ତ୍ତୀ ଅଞ୍ଚଳରେ ରହିଥିବା ଦଳିତ ସାହିରେ ଅନେକ ହୃଦଘାତ ଓ ସ୍ନାୟୁ ଜନିତ ଆକ୍ରାନ୍ତ ରୋଗୀ, ବୟବୃଦ୍ଧ ବ୍ୟକ୍ତି ବସବାସ କରୁଛନ୍ତି। ଡିଜେ ଆଦି ବାଜିବା ଦ୍ୱାରା ଏହାର ଭୟଙ୍କର ପ୍ରଭାବ ପଡ଼ିବାର ସମ୍ଭାବନା ରହିଛି। ନିକଟରେ ମଧ୍ୟ ଏକାଧିକ ଲୋକଙ୍କ ହୃଦ୍‌ଘାତରେ ପରଲୋକ ହୋଇଥିବା ନଜିର ରହିଛି। ମଙ୍ଗଳବାର ମଧ୍ୟ ଏହି ସାହିର ଜଣେ ବ୍ୟକ୍ତିଙ୍କ ହୃଦ୍‌ଘାତରେ ପରଲୋକ ହୋଇଛି। ପଡିଆରେ ମହିଳାଙ୍କ ପାଇଁ ଏକ କମ୍ୟୁନିଟି ସେଣ୍ଟର ଗୃହରହିଛି। ମହିଳା ଓ ବୟସ୍କ ବ୍ୟକ୍ତି ଏଠାରେ ପ୍ରାତଃ ଓ ସାନ୍ଧ୍ୟ ଭ୍ରମଣ କରିଥାନ୍ତି। ତେଣୁ ଏଠାରେ ଟୁର୍ନାମେଣ୍ଟ ଆୟୋଜନକୁ ଅନୁମତି ନ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ ନିକଟରେ ଆବେଦନ କରାଯାଇଥିଲା। ଏହାପରେ ସରକାରଙ୍କ ପକ୍ଷରୁ ସହାୟକ ସରକାରୀ ଓକିଲ ମୋଇନୁଦ୍ଦିନ ଅନସାରୀ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କୋର୍ଟରେ ଉପସ୍ଥିତ ରହି ମତ ଦେଇଥିଲେ ଯେ, ବିବାଦୀୟ ଜମିରେ କ୍ରିକେଟ ମ୍ୟାଚ ଆୟୋଜନ କରିବାକୁ ଯୋଜନା କରୁଛନ୍ତି। ଏହି ଅଞ୍ଚଳରେ ଶାନ୍ତି ଭଙ୍ଗ ହେବାର ସମ୍ଭାବନା ରହିଛି ଏବଂ ପ୍ରତିଦ୍ୱନ୍ଦ୍ୱୀ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଏବଂ ରକ୍ତପାତ ହୋଇପାରେ। ତେଣୁ, ବିଏନଏସଏସର ଧାରା ୧୬୩ ପ୍ରଣୟନ କରିବାକୁ ସେ ପ୍ରାର୍ଥନା କରିଥିଲେ। ଏହାବାଦ ସରକାରୀ ଜମି ଉପରେ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ ଯୋଗୁ ଉପୁଜିଥିବା ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଯାଜପୁର ରୋଡ ଥାନା ଆଇଆଇସି ଏବଂ ବ୍ୟାସନଗର ତହସିଲଦାରଙ୍କ ରିପୋର୍ଟକୁ ଅନୁଧ୍ୟାନ କରାଯାଇଥିଲା। ଉପରୋକ୍ତ ତଥ୍ୟ ଏବଂ ପରିସ୍ଥିତିକୁ ବିଚାର କରି ଉପରୋକ୍ତ ମାମଲା ରୁଜୁ କରାଯାଇଛି ବୋଲି ଅତିରିକ୍ତ ଜିଲାପାଳଙ୍କ ନୋଟିସରେ ଦର୍ଶାଯାଇଛି। ଯାଜପୁର ରୋଡ ଆଇଆଇସିଙ୍କୁ ନିଷିଦ୍ଧ ଅଞ୍ଚଳରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ମଧ୍ୟ ଆଇଆଇସିଙ୍କୁ ପରାମର୍ଶ ଦିଆଯାଇଛି।

# ମଧୁସୂଦନଙ୍କୁ ଭାରତରତ୍ନ ପାଇଁ ଦିଆଯିବ ପ୍ରସ୍ତାବ

### ସ୍ମୃତି ଓ ପ୍ରଣତି ପକ୍ଷରୁ ଉତ୍କଳ ଗୌରବଙ୍କ ଜୟନ୍ତୀ ପାଳିତ

ଯାଜପୁର ଟାଉନ,୨୮।୪ (ପ୍ରୟକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଜିଲାର ପ୍ରମୁଖ ସାହିତ୍ୟ ଓ ସାଂସ୍କୃତିକ ସଂଗଠନ 'ସ୍ମୃତି ଓ ପ୍ରଣତି' ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ସ୍ଥାନୀୟ ଲିସିୟମ ହାଇୟର ସେକେଣ୍ଡାରି ସ୍କୁଲ ସମ୍ମିଳନୀ କକ୍ଷରେ ଅନୁଷ୍ଠାନର ସଭାପତି ଶିଶିର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଗ୍ଲୋବାଲ ପିସ ଫାଉଣ୍ଡେଶନର ଅଧ୍ୟକ୍ଷ ଡା. ରାଜକିଶୋର ପଣ୍ଡା ଓ ମୁଖ୍ୟବକ୍ତାଭାବେ ଜିଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଦିବ୍ୟଭୂଷଣ ମହାନ୍ତି ଯୋଗଦେଇ ମଧୁବାବୁ ଓଡ଼ିଆଙ୍କ ସମ୍ମାନ ରକ୍ଷା ଦିଗରେ କିପରି ବିଭିନ୍ନ କାର୍ଯ୍ୟ କରିଥିଲେ ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ବିଶିଷ୍ଟ ଅତିଥି ଭାବେ ନିତ୍ୟାନନ୍ଦ ମିଶ୍ର ଓ ବିଶେଷ ଅତିଥିଭାବେ ଦାମୋଦର ବେହେରା ଯୋଗଦେଇ ମଧୁବାବୁଙ୍କ ବହୁମୁଖୀ ପ୍ରତିଭା, ତାଙ୍କ ଜୀବନୀ ଏବଂ ଦେଶ ପ୍ରେମ ସମ୍ପର୍କରେ ବିସ୍ତୃତ ଭାବେ ବକ୍ତବ୍ୟ ରଖିଥିଲେ। ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ନାୟକ ପ୍ରାକ୍ ସୂଚନା ଦେବା ସହିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଉତ୍କଳ ଗୌରବଙ୍କୁ ଭାରତରତ୍ନ ପ୍ରଦାନ ନିମନ୍ତେ ଅନୁଷ୍ଠାନ ପକ୍ଷରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ସଭାରେ ନିଷ୍ପତ୍ତି ନିଆଯାଇଥିଲା।

ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ, ସମାଲୋଚକ, ଗାଳ୍ପିକ ତଥା ଓଡ଼ିଆ ଭାଷା ଓ ସଂସ୍କୃତି ଅନୁରାଗୀ ପ୍ରଫେସର ଦାମୋଦର ବେହେରାଙ୍କୁ ମଧୁ ସମ୍ମାନ-୨୦୨୬ ପ୍ରଦାନ କରାଯାଇଥିଲା। ସେହିପରି ଯାଜପୁର ଶିଶୁ ମଙ୍ଗଳ ସମିତିର ନୂତନ ଅଧ୍ୟକ୍ଷ ଦିବ୍ୟଭୂଷଣ ମହାନ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। କବି କାମେଶ୍ୱର ପଣ୍ଡାଙ୍କ ରଚିତ ମହାତୀର୍ଥ ବିରଜା କ୍ଷେତ୍ର ପୁସ୍ତକ ଉନ୍ମୋଚିତ ହୋଇଥିଲା। ପଣ୍ଡା ମଧ୍ୟ ଉତ୍କଳ ଗୌରବଙ୍କ ଉପରେ ସ୍ୱରଚିତ କବିତା ପାଠ କରିଥିଲେ। ଉପସଭାପତି ଗିରିଶ ବିହାରୀ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଚଣ୍ଡିଖୋଲ କୋର୍ଟରେ ମଧୁସୂଦନ ଦାସ ଜୟନ୍ତୀ



ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଅବସରରେ ଉପସ୍ଥିତ ଆଇନଜୀବୀ।

ଚଣ୍ଡିଖୋଲ/ବଡ଼ଚଣା,୨୮।୪(ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି):

ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନ ପକ୍ଷରୁ ମଙ୍ଗଳବାର ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଆସୋସିଏଶନ ସଭାପତି ଦେବରାଜ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ପ୍ରକାଶ କୁମାର ଦାଶ ସଂଯୋଜନା କରିଥିଲେ। ଏଥିରେ ବରିଷ୍ଠ ସରକାରୀ ଆଇନଜୀବୀ ନଳିନୀକାନ୍ତ ମିଶ୍ର, ଉପସଭାପତି ଜ୍ଞାନେଶ ମହାନ୍ତି, ଆଇନଜୀବୀ ଶ୍ରୀକାନ୍ତ କୁମାର ବଳ, ସମ୍ବିତ ମହାପାତ୍ର, ଶରତ କୁମାର ସାହୁ, ଜ୍ୟୋତି ଶଙ୍କର ମହାପାତ୍ର, ହେମନ୍ତ କୁମାର ମହାଲା, ତରୁଣ କୁମାର ବିଶ୍ୱାଳ, ବିଜୟ ରାଉଳ, କାର୍ଯ୍ୟକାରିଣୀ ସଦସ୍ୟ ପ୍ରିୟଗୋବିନ୍ଦ ଦାସ ଓ ଶାରଦା ଯୋଗମାୟା ନାୟକଙ୍କ ସମେତ ବହୁ ଆଇନଜୀବୀ ଯୋଗଦେଇ କୋର୍ଟ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

# ରସୁଲପୁର ବ୍ଲକ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ କାଟ୍

### ■ ଉପଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

ରସୁଲପୁର,୨୮।୪(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅଞ୍ଚଳରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବାରେ ବ୍ୟାଘାତ ଘଟିଛି। ବିଦ୍ୟୁତ୍ କମ୍ପାନୀ ଟାଟା ପାୱାର ପକ୍ଷରୁ ବିଭିନ୍ନ ସମୟରେ ଅଘୋଷିତ ବିଦ୍ୟୁତ କାଟ୍ କରାଯାଉଛି। କୁଆଖିଆ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଧୀନ କୁଆଖିଆ, ମଠସାହି, ବ୍ରହ୍ମବରଦା, ବାରବାଟୀ ଆଦି ସେକ୍ସନ ଅଧୀନରେ ଥିବା ୨୦ ହଜାରରୁ ଉର୍ଦ୍ଧ୍ୱ ବିଦ୍ୟୁତ ଉପଭୋକ୍ତା ବିଦ୍ୟୁତ୍ କାଟ୍‌ର ଶିକାର ହେଉଛନ୍ତି। ଏଭଳିସ୍ଥିତିକୁ ନେଇ ବିଦ୍ୟୁତ କମ୍ପାନୀ ବିରୋଧରେ ଗାଁରେ ଅସନ୍ତୋଷର ବାତାବରଣ ଦେଖାଦେଇଛି। କମ୍ପାନୀ କର୍ମଚାରୀଙ୍କ ମନମୁଖି କାର୍ଯ୍ୟ, ବିନା ସୂଚନାରେ ବିଦ୍ୟୁତ କାଟ୍, ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ ସେବା ପ୍ରଦାନରେ କମ୍ପାନୀ ବିଫଳ ହେଉଥିବା ଆଦି ଅଭିଯୋଗ କରି ମଙ୍ଗଳବାର କଳିଙ୍ଗ ଯୁବକ ସଂଘ ଓ ଲାଏନ୍ସ କ୍ଲବର ଯୁବକମାନେ କୁଆଖିଆ ବିଦ୍ୟୁତ ଉପଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।



ଧାରଣାସ୍ଥଳରେ କୁଆଖିଆ ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀ ପହଞ୍ଚି ଆଲୋଚନା କରୁଛନ୍ତି।

କଳିଙ୍ଗ ଯୁବକ ସଂଘ ସଭାପତି ଶିଶିର ପଣ୍ଡା, ଲାଏନ୍ସ କ୍ଲବ ସଭାପତି ଜନ୍ମେଜୟ ସାହୁ, ଯୁବନେତା ଯଶୋବନ୍ତ ଦାସ, ଯୁବ ସାମାଜିକକର୍ମୀ କାଳନ୍ଦୀ କଣ୍ଠ, ଅମର ମଲ୍ଲିକ, ବୈକୁଣ୍ଠ ନାଥ, କୃଷକ ଏକତା ମଞ୍ଚ ଆବାହକ ଦେବାଶିଷ ନାୟକ, ଶ୍ରମିକ ସଂଗଠକ ଚିତ୍ତରଞ୍ଜନ ଦାସ, ଯୁବ ସଂଗଠକ ସରୋଜ ସାହୁ, ବିକାଶ ସାହୁ, ସ୍ୱାଗତ ସାହୁ, ଶୁଭକାନ୍ତ ଦାସ, କରନ ସାହୁଙ୍କ ସମେତ ଶତାଧିକ ଯୁବକ ଧାରଣାସ୍ଥଳରେ ଉପସ୍ଥିତ ରହି ବିଦ୍ୟୁତ୍ କମ୍ପାନୀ ବିରୋଧରେ ନାନା ନାରାବାଜୀ କରିଥିଲେ। ସେମାନେ କହିଥିଲେ, ଖରାଦିନରେ ବିଦ୍ୟୁତ କାଟ୍ ନ କରିବା ପାଇଁ କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ଏଭଳି ସରକାରୀ ନିର୍ଦ୍ଦେଶନାମାକୁ ଟାଟା ପାୱାର ପକ୍ଷରୁ ଉଲ୍ଲଙ୍ଘନ କରାଯାଉଛି। ମରାମତି ଆଳରେ କମ୍ପାନୀ ପକ୍ଷରୁ ଦିନକୁ ଅନ୍ୟୁନ ୫ରୁ୬ଘଣ୍ଟା ବିଦ୍ୟୁତ୍ କାଟ କରାଯାଉଛି। ଫଳରେ ଉପଭୋକ୍ତ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ନିରବଚ୍ଛିନ ବିଦ୍ୟୁତ ସେବା ଓ ଯେକୌସି ମରାମତି ପାଇଁ ୨୪ଘଣ୍ଟା ପୂର୍ବରୁ ସୂଚନା ପ୍ରଦାନ ପାଇଁ ସେମାନେ ଦାବି କରିଥିଲେ। କୁଆଖିଆ ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀ ସୀତାଂଶୁ ଶତପଥୀ ପହଞ୍ଚି ଆଗକୁ ନରିବଚ୍ଛିନ୍ନ ବିଦ୍ୟୁତ ସେବା ପ୍ରଦାନ ପାଇଁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଜଙ୍ଗଲ ଜମି ଜବରଦଖଲ ନେଇ ପୂର୍ବତନ ଏଜିଙ୍କ ନାମରେ ପିଟିଶନ

କଟକ,୨୮।୪(କାର୍ତ୍ତିକ ସାହୁ)

ପୂର୍ବତନ ଆଡ୍‌ଭୋକେଟ୍ ଜେନେରାଲ (ଏଜି) ଅଶୋକ ପରିଜାଙ୍କ ନାମରେ ଜଙ୍ଗଲ ଜମି ଜବରଦଖଲ ନେଇ ହାଇକୋର୍ଟରେ ଏକ ପିଟିଶନ ଦାୟର ହୋଇଛି। ଯାଜପୁର ଜିଲା ସୁକିନ୍ଦା ତହସିଲ ଅନ୍ତର୍ଗତ ସାରଂସ ମୌଜାରେ ଖାତା ନଂ. ୨୨ ଓ ପ୍ଲଟ୍ ନଂ. ୦୧ରେ ଥିବା ୧୮.୦୪୯ ହେକ୍ଟର ପରିମିତ ଝାଟି ଜଙ୍ଗଲ କିସମ ଜମିକୁ ପରିଜା ଜବରଦଖଲ କରିଥିବା ଆବେଦନକାରୀ ଶିବଶଙ୍କର ମହାନ୍ତି ତାଙ୍କ ପିଟିଶନ୍‌ରେ ଦର୍ଶାଇଛନ୍ତି। ସେଠାରେ ହୋଇଥିବା ବେଆଇନ ନିର୍ମାଣକୁ ଭାଙ୍ଗିବା ସହ ଉକ୍ତ ଜମିକୁ ପୂର୍ବାବସ୍ଥାକୁ ଫେରାଇ ଆଣିବା ନିମନ୍ତେ ସେ ନିବେଦନ କରିଛନ୍ତି। ଏଥିରେ ଯାଜପୁର ଜିଲାପାଳ, ମୁଖ୍ୟ ଶାସନ ସଚିବ, ଜଙ୍ଗଲ ବିଭାଗ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଡେପୁଟି ସେକ୍ରେଟାରିଙ୍କୁ ପକ୍ଷଭୁକ୍ତ କରାଯାଇଛି।

# ଯାଜପୁର ବାର୍ ଆସୋସିଏଶନରେ ମଧୁବାବୁ ଜୟନ୍ତୀ

ଯାଜପୁରଟାଉନ,୨୮।୪ (ପ୍ରୟକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ବାର୍ ଆସୋସିଏଶନ ପକ୍ଷରୁ ମଙ୍ଗଳବାର ଆଇନଜୀବୀ ଗୃହ ପରିସରରେ ମଧୁବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସଭାପତି ପ୍ରଫୁଲ୍ଲ ସାମଲଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥିଭାବେ ଅତିରିକ୍ତ ଜିଲା ଦୌରାଜଜ୍ ବିଶେଶ୍ୱର ବିଶ୍ୱପ୍ରକାଶ ରାୟ ଯୋଗଦେଇ ମଧୁବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସମ୍ପାଦକ ରୁଦ୍ରନାରାୟଣ ମହାନ୍ତି ଯାଜପୁର ବାର୍ ଆସୋସିଏଶନର ଦିବଙ୍ଗତ ଆଇନଜୀବୀଙ୍କ ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିବାକୁ ପ୍ରସ୍ତାବ ଆଗତ କରିଥିଲେ। ବାର୍ ଆସୋସିଏଶନ ସଭ୍ୟଭାବେ ୫୦ ବର୍ଷ କାର୍ଯ୍ୟ କରିଥିବା ୩ ବରିଷ୍ଠ ଆଇନଜୀବୀ ପ୍ରମୋଦ ମହାନ୍ତି, ଗୋପାଳ ଚନ୍ଦ୍ର ଦାସ ଏବଂ ମଧୁସୂଦନ ମାହୁନ୍ତଙ୍କୁ ଉପଢ଼ୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ଯାଜପୁର ବାର୍ ଆସୋସିଏଶନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ମଧୁବାବୁଙ୍କ ଜୟନ୍ତୀ ପାଳିତ



ମଧୁବାବୁଙ୍କ ଜୟନ୍ତୀ ପାଳନ ଅବସରରେ ମଞ୍ଚାସୀନ ଅତିଥି।

ଧର୍ମଶାଳା,୨୮।୪ (ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଜରାକାସ୍ଥିତ ଧର୍ମଶାଳା ପ୍ରେସ କ୍ଲବରେ ସାହିତ୍ୟିକମାନଙ୍କ ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରେସ କ୍ଲବ୍ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀଙ୍କ ଅଧ୍ୟକ୍ଷୟତରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜିକକର୍ମୀ ମିନତି ସାହୁ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ମଧୁବାବୁଙ୍କ ଜୀବନ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତାଭାବେ ପ୍ରଶାନ୍ତ କୁମାର ସ୍ୱାଇଁ ଯୋଗଦେଇ ମଧୁବାବୁ ଥିଲେ ବାସ୍ତବରେ ସ୍ୱାଭିମାନୀ ଓଡ଼ିଆ, ତାଙ୍କୁ ନେଇ ଓଡ଼ିଆ ଜାତିଗର୍ବ ଅନୁଭବ କରେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ କବି ସବିତା ମିଶ୍ର ଓ କଂଗ୍ରେସ ନେତା ଅଧୀର ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଯୁବ ଉଦ୍ୟୋଗୀ ବ୍ରହ୍ମାନନ୍ଦ ସାହୁ, ଖବରକାଗଜ ବିତରକ ହରି ନାରାୟଣ ଦାସ, କାହ୍ନୁ ଚରଣ ରଣା ଓ ଖବରଦାତା ସନ୍ତୋଷ ଓଝାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାବନ୍ଧିକ ମନୋରଞ୍ଜନ ମହାନ୍ତି, ହୃଷୀକେଶ ସାମଲ, ଦେବେନ୍ଦ୍ର ପଟ୍ଟନାୟକ, ସରୋଜିନୀ ପଣ୍ଡା, ରମାକାନ୍ତ ଜେନା, କାହ୍ନୁ ଚରଣ ଦାଶ, ବଟକୃଷ୍ଣ ପରିଡା, ଯୁଧିଷ୍ଠିର ସ୍ୱାଇଁ, ବେଣୁଧର ନାୟକ, ସଂଗ୍ରାମୀ କେଶରୀ ଜେନା ପ୍ରମୁଖ ମଧୁବାବୁଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ସମ୍ପର୍କରେ ଖବରଦାତା ସୀତାକାନ୍ତ ସାମଲ ସୂଚନା ଦେଇଥିଲେ। ଖବରଦାତା ଅଖିଳ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସାମାଜିକ କର୍ମୀ ଦେବବ୍ରତ ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ବିଜୟ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

# ମଧୁବାବୁଙ୍କୁ ଭାରତ ରତ୍ନ ପାଇଁ ସରକାର ପଦକ୍ଷେପ ନେବେ

### ଜିଲାସ୍ତରୀୟ ଆଇନଜୀବୀ ଦିବସ ଓ ମଧୁ ଜୟନ୍ତୀ ସପ୍ତାହ ଉଦ୍‌ଯାପନୀ ଉତ୍ସବ

ବ୍ୟାସନଗର,୨୮।୪(ପବିତ୍ର ରଞ୍ଜନ ମହାନ୍ତି):



ମଧୁ ଜୟନ୍ତୀ ସପ୍ତାହର ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

ବ୍ୟାସଦେବ ଟାଉନ ହଲଠାରେ ଯାଜପୁର ଜିଲା ଟ୍ୟାକ୍ସ ବାର ସଂଘ ତରଫରୁ ସଭାପତି ବିବେକାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ମଙ୍ଗଳବାର ଜିଲାସ୍ତରୀୟ ଆଇନଜୀବୀ ଦିବସ, ମଧୁଜୟନ୍ତୀ ସପ୍ତାହର ଉଦ୍‌ଯାପନୀ ଉତ୍ସବ ଏବଂ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାକୁ ସମବାୟ ମନ୍ତ୍ରୀ ବଳସାମନ୍ତ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମନ୍ତ୍ରୀ କହିଥିଲେ, ମଧୁବାବୁଙ୍କ ଓଡ଼ିଶା ରାଜ୍ୟ ଏବଂ ଓଡ଼ିଆ ଜାତି ପ୍ରତି ଅବଦାନ ଚିରସ୍ମରଣୀୟ। ସେ ଭାରତ ରତ୍ନ ପାଇବା ପାଇଁ ହକଦାର। ଏଥିସହିତ ମଧୁବାବୁଙ୍କୁ ଉଚିତ ସମ୍ମାନ ଦେବା ନିମନ୍ତେ ରାଜ୍ୟ ସରକାର ସଦା ତତ୍ପର ଅଛନ୍ତି। ତାଙ୍କୁ ଭାରତ ରତ୍ନ ପ୍ରଦାନ କରିବାକୁ ସରକାର ଯଥାବିଧି ପଦକ୍ଷେପ ନେବେ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ବ୍ୟାସନଗର ସହରରେ ମଧୁବାବୁଙ୍କ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତି ଦାବି ସମ୍ପର୍କରେ ମନ୍ତ୍ରୀ ରାଜ୍ୟ ସରକାରଙ୍କ ସହିତ ପରାମର୍ଶ କରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିବା କୋରେଇ ବିଧାୟକ ଆକାଶ ଦାସ ନାୟକ ଏକ ବର୍ଷ ମଧ୍ୟରେ ସହରର ପ୍ରମୁଖ ସ୍ଥାନରେ ମଧୁବାବୁଙ୍କ ପୂର୍ଣ୍ଣଅବୟବ ପ୍ରତିମୂର୍ତ୍ତି ସ୍ଥାପିତ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିବା ସୂର୍ଯ୍ୟକ୍ଷେତ୍ର ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ବିପିନ ମିଶ୍ର ୨ ଲକ୍ଷ ଟଙ୍କାର ଅନୁଦାନ ରାଶି ଦେବାକୁ ଘୋଷଣା କରିଥିଲେ। ଏହାକୁ ସମର୍ଥନ କରି ସଭାରେ ଉପସ୍ଥିତ ଯୁବ ଚାଟାର୍ଡ ଆକାଉଣ୍ଟାଣ୍ଟ ପ୍ରତାପ ସ୍ୱାଇଁ ଏକ ଲକ୍ଷ ଟଙ୍କା ଅନୁଦାନ ଦେବେ ବୋଲି ପ୍ରକାଶ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟବକ୍ତା ଭାବେ ମଧୁ ସାହିତ୍ୟ ଗବେଷକ ଧରଣୀଧର ନାଥ ଏବଂ ଅନ୍ୟତମ ବକ୍ତା ସାହିତ୍ୟିକ ରବୀନ୍ଦ୍ର ବିହାରୀ ଯୋଗଦେଇ ମଧୁବାବୁଙ୍କ ଓଡ଼ିଶା ପାଇଁ ଅବଦାନ ସ୍ମରଣୀୟ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଯାଜପୁର ରୋଡ଼ ବାର ଆସସିଏଶନର ସଭାପତି ମଙ୍ଗୁଳି ଚରଣ ସାହୁ, କଳିଙ୍ଗନଗର ବାର ଆସୋସିଏଶନର ସଭାପତି ମନିନ୍ଦ୍ର ଧଳ ଯୋଗ ଦେଇଥିଲେ।

ଟ୍ୟାକ୍ସ ବାରର ସମ୍ପାଦକ ଧନେଶ୍ୱର ବାରିକ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ଉପସଭାନେତ୍ରୀ ସସ୍ମିତା ସ୍ୱାଇଁ ସଭା ସଞ୍ଚାଳନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ଓକିଲ ସାମିଲ ହୋଇଥିଲେ। ପରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଯାଜପୁର ଜିଲାର ଓକିଲ ସଂଘର ନବନିର୍ବାଚିତ କାର୍ଯ୍ୟକର୍ତ୍ତାଙ୍କୁ ମନ୍ତ୍ରୀ ଓ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଯାଜପୁର ରୋଡ୍ ବାରର ସମ୍ପାଦକ ବିଭୁପ୍ରସାଦ ସ୍ୱାଇଁ, ଉପସଭାପତି ଗୀତାଞ୍ଜଳି ପରିଡ଼ା, ସହସମ୍ପାଦିକା ମାମାଲି କାନୁନଗୋ, କଳିଙ୍ଗନଗର ବାରର ସମ୍ପାଦକ ନବକିଶୋର ସାହୁ, ବ୍ରଜକିଶୋର ପତି, ଚଣ୍ଡିଖୋଲ ବାରର ସଭାପତି ଦେବରାଜ ବେହେରା, ସମ୍ପାଦକ ପ୍ରକାଶ ଦାସ, ଯାଜପୁର ବାରର ସଭାପତି ଅମିୟ ଦାସ, ସମ୍ପାଦକ ଦିବାକର ମହାନ୍ତି, ବରୀ ବାରର ସଭାପତି ରାଜକିଶୋର ସାମଲ, ଟ୍ୟାକ୍ସବାରର ସଦସ୍ୟ ଲକ୍ଷ୍ମୀଧର ସାହୁ, ରଞ୍ଜନ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସପ୍ତାହ ବ୍ୟାପୀ ବିଭିନ୍ନ ସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମର କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ବ୍ରଜେଶ୍ୱରୀ ସିଂଙ୍କ ପୁସ୍ତକ 'କୋଇଲି ଗାଉଛି ଗୀତ'କୁ ମୁଖ୍ୟଅତିଥି ଉନ୍ମୋଚନ କରିଥିଲେ। ଯୁଗ୍ମସମ୍ପାଦକ ଅଶୋକ ଶର୍ମା ଧନ୍ୟବାଦ ଦେଇଥିଲେ।

**ବିଭିନ୍ନ ସ୍ଥାନରେ ମଧୁବାବୁ ଜୟନ୍ତୀ ପାଳିତ**

ପାରାଦୀପ,(ଶରତ ରାଉତ): ପାରାଦୀପର ବିଭିନ୍ନ ସ୍ଥାନରେ ମଙ୍ଗଳବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୭ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଉତ୍କଳ ସମ୍ମିଳନୀ ପକ୍ଷରୁ ନୂଆ ଷଣ୍ଢକୁଦ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ଧ୍ରୁବ ଚରଣ ମହାପାତ୍ର, ତୁଳସୀ ବରାଳ ,ନଳିନୀପ୍ରଭା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହି ଷଣ୍ଢକୁଦଠାରେ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସୁଧାଂଶୁ ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ପୌରପରିଷଦ ଓ ପାରାଦୀପ ବାର୍ ଆଶୋସିଏସନ ପକ୍ଷରୁ ମିଳିତ କାର୍ଯ୍ୟକ୍ରମ ହୋଇଥିଲା। ସକାଳେ ଦୋଛକି ପାଖରେ ଥିବା ପ୍ରତିମୂର୍ତ୍ତି ସ୍ଥଳରେ ପୁଷ୍ପମାଲ୍ୟ କରାଯାଇଥିଲା। ସନ୍ଧ୍ୟାରେ ପୌର ସମ୍ମିଳନୀ କକ୍ଷରେ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା।

# ଲୋକ ପ୍ରତିନିଧି-ବିଭାଗୀୟ ଅଧିକାରୀଙ୍କ ସମନ୍ୱୟକୁ ଗୁରୁତ୍ୱ

■ ଜଗତ୍‌ସିଂହପୁର ଜିଲା ଉନ୍ନୟନ ସମନ୍ୱୟ ଓ ତଦାରଖ (ଦିଶା) କମିଟି ୭ମ ବୈଠକ

■ ଜିଲାପାଳ ପହଞ୍ଚିବାରେ ବିଳମ୍ବ ଯୋଗୁ ୧ ଘଣ୍ଟା ପରେ ଆରମ୍ଭ ହେଲା ବୈଠକ

ଜଗତ୍‌ସିଂହପୁର, ୨୮।୪ (ପ୍ରମୋଦ କୁମାର ନାୟକ)



ବୈଠକରେ ଏମ୍‌ପି ବିଭୁପ୍ରସାଦ ତରାଇ, ବିଧାୟକ ସାରଦା ପ୍ରସନ୍ନ ଜେନା, ଜିଲାପାଳ ଜେ. ସେନାଲ ଏବଂ ଅନ୍ୟ ପ୍ରଶାସନିକ ଅଧିକାରୀ।

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ମଙ୍ଗଳବାର ଜଗତ୍‌ସିଂହପୁର ଜିଲା ଉନ୍ନୟନ ସମନ୍ୱୟ ଓ ତଦାରଖ ସମିତି (ଦିଶା) ୭ମ ବୈଠକର ଆରମ୍ଭରୁ ବିଭ୍ରାଟ ଦେଖିବାକୁ ମିଳିଛି। ଅପରାହ୍ନ ୧୧ଟାରୁ ବୈଠକ ଆରମ୍ଭ ହେବାକୁ ସ୍ଥିର ହୋଇଥିବା ବେଳେ ଜିଲାପାଳ ଜେ. ସୋନାଲ ୧ ଘଣ୍ଟା ପରେ ପହଞ୍ଚିଥିଲେ। ଦୁଃଖର କଥା ବିଳମ୍ବ ସତ୍ତ୍ୱେ ଜିଲାପାଳ ଏନେଇ ଦୁଃଖପ୍ରକାଶ କରି ନ ଥିଲେ। ଏହା ଅନେକଙ୍କୁ ଆଘାତ ଦେଇଥିଲେ ସୁଦ୍ଧା ସମସ୍ତେ ନୀରବ ରହିଥିଲେ। ଏହାପରେ ବୈଠକ ଠିକ୍‌ଠାକ୍ ଚାଲିବ ବୋଲି ଆଶା କରାଯାଉଥିଲା। କିନ୍ତୁ ବିଭାଗୀୟ ଅଧିକାରୀମାନଙ୍କ କାର୍ଯ୍ୟକୁ ନେଇ ଉପସ୍ଥିତ ଲୋକ ପ୍ରତିନିଧିମାନେ ବର୍ଷିଥିଲେ। ବିଶେଷକରି ଜିଲା ଗ୍ରାମ୍ୟ ଉନ୍ନୟନ (ଆର୍‌ଡି) ବିଭାଗର କାର୍ଯ୍ୟକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

ଜଗତ୍‌ସିଂହପୁର ଏମ୍‌ପି ତଥା ଜିଲା ଦିଶା ଅଧ୍ୟକ୍ଷ ବିଭୁପ୍ରସାଦ ତରାଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା ଆରମ୍ଭ ହୋଇଥିଲା। ପ୍ରଥମେ ଆର୍‌ଡି ବିଭାଗର କାର୍ଯ୍ୟ ସମ୍ପର୍କରେ ଆଲୋଚନା ବେଳେ ବାଲିକୁଦା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରକାଶ ପ୍ରଧାନ ବିଗତ ବର୍ଷରେ ଅନୁମୋଦିତ ପ୍ରକଳ୍ପଗୁଡ଼ିକ କାହିଁକି କରାଯାଉନାହିଁ ବୋଲି ପ୍ରଶ୍ନ କରିଥିଲେ। ଏପରି କି ମୋ ଉପକାରୀ ବଗିଚାଟିଏ ମଧ୍ୟ କରିହେଉ ନ ଥିବା କହିଥିଲେ। ବିଭାଗୀୟ ଅଧିକାରୀ କିମ୍ବା ଯନ୍ତ୍ରୀମାନେ ଲୋକ ପ୍ରତିନିଧିଙ୍କ ଅପେକ୍ଷା ଠିକାଦାରଙ୍କୁ ଅଧିକ ଗୁରୁତ୍ୱ ଦେଉଥିବା କହି ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ କେତୋଟି ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡ଼ିଥିବାବେଳେ ଅନେକ କାମ ହେଉ ନ ଥିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ତିର୍ତ୍ତୋଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋଜ କୁମାର ବେହେରା ମଧ୍ୟ ତିର୍ତ୍ତୋଲ ଫାୟାର ଷ୍ଟେଶନ, ପୋଲିସ ଷ୍ଟେଶନ ଭିତର ରାସ୍ତା, ଧୋୟା ଅଞ୍ଚଳର ସାମନ୍ତରାପୁର ପୋଲ ଆଦି କାମ ସରୁ ନ ଥିବା କଥା କହିଥିଲେ। ଏପରି କି ୩ ମାସରେ ସରିବାକୁ ଥିବା ପୋଲ ୨ ବର୍ଷ ପରେ ମଧ୍ୟ ସରୁନି, ଯେଉଁ କାରଣରୁ ଛୋଟ ପିଲାମାନେ ବିଦ୍ୟାଳୟ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି କହିଥିଲେ। ଏହାଛଡ଼ା ଯେଉଁ ପୋଲ କାମ ଚାଲିଛି ତାହା ନିମ୍ନମାନର। ପ୍ରତି ବୈଠକରେ ସେମାନେ ବିଭିନ୍ନ ପ୍ରସଙ୍ଗ ଉଠାଇ ସମାଧାନ ପାଇଁ ଦାବିକରିଆସୁଥିଲେ ସୁଦ୍ଧା କିଛି ହେଉ ନ ଥିବା କହି ଅଧ୍ୟକ୍ଷ ବେହେରା ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହା ଉପରେ ଏମ୍‌ପି ତରାଇ କହିଥିଲେ, ବିଭାଗ କାମ କରୁଥିବା କହୁଥିଲେ ସୁଦ୍ଧା ଫଳ ଶୂନ। ତେଣୁ ଲୋକ ପ୍ରତିନିଧିଙ୍କୁ ବିଶ୍ୱାସକୁ ନେବାକୁ ହେବ। ବ୍ଲକ ଅଧ୍ୟକ୍ଷମାନଙ୍କୁ ବିଭିନ୍ନ କାମରେ ସାମିଲ କଲେ ସମସ୍ୟାଗୁଡ଼ିକର ସମାଧାନ ହୋଇପାରିବ ବୋଲି କହିଥିଲେ। ଜିଲା ପରିଷଦ ସଭାପତି ମନୋଜ ଭୋଇ ଜଗତ୍‌ସିଂହପୁର ୧୦ ନମ୍ବରରୁ ଚାଟରା ପୋଲ ପର୍ଯ୍ୟନ୍ତ ରାସ୍ତା ଚଉଡା କରିବାକୁ ଦାବି କରିଥିଲେ। ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ମଧ୍ୟ ବିଭାଗ ଉପରେ ବର୍ଷିଥିଲେ। କିନ୍ତୁ ଆର୍‌ଡି ନିର୍ବାହୀ ଯନ୍ତ୍ରୀ ଅନିରୁଦ୍ଧ ଦୋରା କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବା ନିଆରା ପରିବେଶ ସୃଷ୍ଟି କରିଥିଲା। ତେବେ ପୂର୍ବ କାମଗୁଡ଼ିକ ଯଥାଶୀଘ୍ର ଆରମ୍ଭ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ପିଏମ୍‌ଜିଏସ୍‌ୱାଇ-୩ରେ ୪୦ଟି ପ୍ରକଳ୍ପ ମଧ୍ୟରୁ ୧୧ଟି ଶେଷ ହୋଇପାରି ନାହିଁ ଏବଂ ଏଗୁଡ଼ିକ ବର୍ଷାଦିନ ଅର୍ଥାତ୍ ଜୁନ୍ ପୂର୍ବରୁ ସରିବ ବୋଲି ନିର୍ବାହୀ ଯନ୍ତ୍ରୀ କହିଥିଲେ। ଗାନ୍ଧୀ ଛକରୁ ଯୋଗଧାରୀ ଓ ଅନ୍ୟ ରାସ୍ତାରେ ଟ୍ରାଫିକ ସମସ୍ୟା ଓ ଏହାର ସମାଧାନ ଉପରେ ଜିଲାପାଳ ପରାମର୍ଶ ଦେଇଥିଲେ। ଯେଉଁମାନେ ସରକାରୀ ରାସ୍ତା ଜବରଦଖଲ କରିଛନ୍ତି ତାହା ଚିହ୍ନଟକରି ଉଚ୍ଛେଦ ପାଇଁ ଜଗତ୍‌ସିଂହପୁର ପୌର ନିର୍ବାହୀ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଗତବର୍ଷ ଅକ୍ଟୋବରରେ ଦିଶାର ଶେଷ ବୈଠକ ହୋଇଥିଲା। ୬ ମାସ ପରେ ଏହି ବୈଠକ ହୋଇଛି। କିନ୍ତୁ ଏହା ଭିତରେ ଜିଲାସ୍ତରୀୟ ଅକ୍ଷୟ ତୃତୀୟାରେ କୃଷି ବିଭାଗ ବ୍ଲକ ଅଧ୍ୟକ୍ଷମାନଙ୍କୁ ନିମନ୍ତ୍ରଣ କରି ନ ଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଅତୀତରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଜିଲା ସମୀକ୍ଷା ବେଳେ କୃଷି ବିଭାଗ କାର୍ଯ୍ୟକୁ ନେଇ ଅସନ୍ତୋଷବ୍ୟକ୍ତ କରିଥିଲେ। ତେଣୁ ବିଭାଗ ଏଥିପ୍ରତି ସତର୍କ ରହିବାକୁ ପରାମର୍ଶ ଦିଆଯାଇଥିଲା। ବୈଠକରେ ଅନ୍ୟ ବିଭାଗର କାର୍ଯ୍ୟ ଉପରେ ସମୀକ୍ଷା ହେବା ସହ ସମସ୍ୟାର ସମାଧାନ ଉପରେ ଆଲୋଚନା ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପରିଣାମ ଭୋଗିବ, ଜିଲା ଛାଡ଼ି ପଳାଅ

**ବିଭୁ, ସାରଦାଙ୍କ ଚେତାବନୀ**

**ରାଜନୈତିକ ମୁଷ୍ଟିମେୟ ବ୍ୟକ୍ତି ବାଧା ସୃଷ୍ଟିକଲେ ଜଣାନ୍ତୁ**

ଜଗତ୍‌ସିଂହପୁର, ୨୮।୪ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ମଙ୍ଗଳବାର ଜିଲା ଉନ୍ନୟନ ସମନ୍ୱୟ ଓ ତଦାରଖ ସମିତି (ଦିଶା) ୭ମ ବୈଠକରେ ନିଆରା ପରିବେଶ ଦେଖିବାକୁ ମିଳିଥିଲା। ବୈଠକରେ ଜଗତ୍‌ସିଂହପୁର ଏମ୍‌ପି ତଥା ଜିଲା ଦିଶା ଅଧ୍ୟକ୍ଷ ବିଭୁପ୍ରସାଦ ତରାଇ ପୌରୋହିତ୍ୟ କରି ବିଭାଗୀୟ ଅଧିକାରୀ/ଯନ୍ତ୍ରୀଙ୍କୁ ଏକପଟେ ଭରସା ଓ ଅନ୍ୟପଟେ ଚେତାବନୀ ଦେଇଥିଲେ। ସେ କହିଥିଲେ, କୌଣସି ପ୍ରକଳ୍ପରେ ବାଧା ଦେବା କିମ୍ବା ପ୍ରଶାସନିକ ଅଧିକାରୀଙ୍କୁ ଅସୁବିଧାରେ ପକାଇ ଚାପଗ୍ରସ୍ତ କରାଯାଇପାରେ। ଏ ପରିସ୍ଥିତିରେ ସନ୍ତୁଳନ ରକ୍ଷାକରି କାମ କରିବାକୁ ହେବ। ବିଶେଷକରି ଯଦି କେହି ରାଜନୈତିକ ମୁଷ୍ଟିମେୟ ବ୍ୟକ୍ତି (ଯେଉଁ ଦଳର ହୁଅନ୍ତୁ) ବାଧା ସୃଷ୍ଟି କରୁଛନ୍ତି ତେବେ ସେ କଥା ତାଙ୍କ ନଜରକୁ ଆଣନ୍ତୁ। କୌଣସି ପ୍ରଶାସନିକ ଅଧିକାରୀ ଯେପରି ବାଧା ପାଇବେ ନାହିଁ ସେ ଦାୟିତ୍ୱ ତାଙ୍କର। ଏହି ଅବସରରେ ଏମ୍‌ପି ତରାଇ ଗ୍ରାମ୍ୟ ଉନ୍ନୟନ (ଆର୍‌ଡି) ନିର୍ବାହୀ ଯନ୍ତ୍ରୀଙ୍କ ଉପରେ କ୍ଷୋଭ ପ୍ରକାଶକରି କହିଥିଲେ, ରାସ୍ତା ହେଉଛି, କିନ୍ତୁ ତାଙ୍କୁ ଜଣାଯାଉନାହିଁ। ଆଗାମୀ ଦିନରେ ଯଦି ଆପଣମାନେ ପ୍ରୋଟୋକଲ ମାନିବେ ନାହିଁ, ତେବେ ପରିଣାମ ଭୋଗିବାକୁ ପଡ଼ିବ। ସେ ଆଡ଼କୁ ଆମେ ଯାଉନାହୁଁ ଅର୍ଥ ନୁହେଁ ଆପଣମାନେ ମନମାନି କରିବେ। ବିରୋଧୀ ଦଳ ବିଧାୟକ କିମ୍ବା ବ୍ଲକ ଅଧ୍ୟକ୍ଷମାନଙ୍କୁ ଆପଣମାନେ ନ ଜଣାଇବା ସ୍ୱାଭାବିକ କଥା। କିନ୍ତୁ ଶାସକ ଦଳର ଏମ୍‌ପିକୁ ଅଣଦେଖା କରିବା ଠିକ୍ ନୁହେଁ। ଆପଣମାନେ କାମ କେମିତି କରୁଛନ୍ତି ଆମେ ମୁଣ୍ଡ ଖେଳାଉନାହୁଁ। ସର୍ବନିମ୍ନ ପ୍ରୋଟୋକଲ ମାନୁ ନ ଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଲେଖିକି ଦେଇଛନ୍ତି। ପରବର୍ତ୍ତୀ ସମୟରେ ଯଦି କୌଣସି ବିଭାଗୀୟ କର୍ତ୍ତୃପକ୍ଷ ତାଙ୍କୁ ଅଣଦେଖା କରନ୍ତି ତେବେ ଅସୁବିଧାରେ ପଡିବେ ବୋଲି ଏମ୍‌ପି ତରାଇ ଚେତାବନୀ ଦେଇଥିଲେ।

ଅନ୍ୟପଟେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଆର୍‌ଡି ବିଭାଗ ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରି କହିଥିଲେ, ବିଭାଗ ଜିଲାରେ ଶୋଇଛି। କୌଣସି କାମର ଅନୁଧ୍ୟାନ ହେଉନାହିଁ। ପିଚୁ ହେବାର ୨ ଦିନ ପରେ ଉଠିଯାଉଛି। ଲୋକେ କହୁଛନ୍ତି ଇଞ୍ଜିନିୟର ଓ ବିଧାୟକ ମିଳିମିଶି ଟଙ୍କା ଖାଉଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ଆପଣ ଆମକୁ କେତେ ଟଙ୍କା ଦେଇଛନ୍ତି ବୋଲି ଆର୍‌ଡି ନିର୍ବାହୀ ଯନ୍ତ୍ରୀଙ୍କୁ ବିଧାୟକ ଜେନା ପ୍ରଶ୍ନ କରିଥିଲେ। ସେ ଏକଥା ଦର୍ଶାଇଥିଲେ, ୩ଟି ରାସ୍ତାରେ ପିଚୁ ହେବାର ପରଦିନ ଉଠିଯିବା ସମ୍ପର୍କରେ ସେ ବିଭାଗୀୟ ଯନ୍ତ୍ରୀଙ୍କୁ କହିଥିଲେ। କାମ ଉପରେ କୌଣସି କନିଷ୍ଠ ଯନ୍ତ୍ରୀ କିମ୍ବା ଏସ୍‌ଡିଓ ଛିଡ଼ା ହେଉ ନ ଥିବାରୁ ଏଭଳି ଅବସ୍ଥା ହୋଇଛି। ଲାଗୁଛି ବିଭାଗ ନିର୍ଦ୍ଦେଶରେ ନୁହେଁ, ଠିକାଦାରଙ୍କ କଥାରେ କାମ ଚାଲିଛି। ତେବେ ଠିକାଦାର ବିଳମ୍ବ କରୁଥିବା ସମ୍ପର୍କରେ ଯନ୍ତ୍ରୀ କହିବା କ୍ଷଣି ବିଧାୟକ ପ୍ରତିକ୍ରିୟାଶୀଳ ହୋଇ ଏହା ସନ୍ତୋଷଜନକ ଉତ୍ତର ନୁହେଁ ବୋଲି କହିଥିଲେ। ଯଦି ଜିଲାରେ କାମ କରିବାର ଅଛି କରନ୍ତୁ। ନଚେତ୍ ଜିଲା ଛାଡି ପଳାନ୍ତୁ। ଆପଣମାନଙ୍କ ପାଇଁ ଆମେ ନିନ୍ଦିତ ହୋଇପାରିବୁ ନାହିଁ ବୋଲି ବିଧାୟକ ଜେନା ଚେତାବନୀ ଶୈଳୀରେ କହିଥିଲେ। ଏହି ଅବସରରେ କର୍ମଚାରୀ ଅଭାବରୁ କାମ ଦେଖି ହେଉ ନ ଥିବା ଆର୍‌ଡି ନିର୍ବାହୀ ଯନ୍ତ୍ରୀ ସ୍ୱୀକାର କରିବା ଅସନ୍ତୋଷକୁ ଆହୁରି ବଢ଼ାଇ ଦେଇଥିଲା।

# କାର୍ଯ୍ୟ ତଦାରଖ କରୁଛନ୍ତି ଜେଇଙ୍କ ସହଯୋଗୀ

■ ଉନ୍ନୟନମୂଳକ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ

■ ତଦନ୍ତ କରାଯିବ: ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ

ପଟ୍ଟାମୁଣ୍ଡାଇ, ୨୮।୪(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତିରେ କାର୍ଯ୍ୟକାରୀ ହେଉଥିବା କେତେକ ଉନ୍ନୟନମୂଳକ ପ୍ରକଳ୍ପରେ ନିମ୍ନମାନର କାମ ଏବଂ ଅର୍ଥ ବାଟମାରଣା ହେଉଥିବା ଅଭିଯୋଗ ହୋଇଆସୁଛି। ହେଲେ ବିଭାଗୀୟ ଅଧିକାରୀମାନେ ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଫଳରେ କାର୍ଯ୍ୟରେ ସ୍ୱଚ୍ଛତା ରହୁ ନ ଥିବା ସାଧାରଣରେ ଆଲୋଚନା ହେଉଛି। ଯୁବନେତା ସତ୍ୟପ୍ରିୟ ସାମଲ କହିଛନ୍ତି, ପଞ୍ଚାୟତ ସମିତିରେ ହେଉଥିବା ଦୁର୍ନୀତିରେ ରାଜନେତା, ଉଚ୍ଚ ପଦାଧିକାରୀ ଗୁରୁତ୍ୱ ଦେଉ ନ ଥିବାରୁ ଏହି ଅଞ୍ଚଳ ସବୁକ୍ଷେତ୍ରରେ ଅବହେଳିତ ହୋଇରହିଛି। ପୁନଶ୍ଚ ଏଠାରେ ବିଭିନ୍ନ ବିଭାଗରେ ଅଧିକାଂଶ ଅଧିକାରୀ ବର୍ଷବର୍ଷ ଧରି ଗାଦି ମାଡ଼ି ବସିଛନ୍ତି। ଅନେକ ବିଭାଗରେ ଯନ୍ତ୍ରୀ କିମ୍ବା ଅଧିକାରୀ ନାହାନ୍ତି। ବୁଦ୍ଧିଜୀବୀ ପ୍ରବୀର ନାୟକ କହିଛନ୍ତି, ପଟ୍ଟାମୁଣ୍ଡାଇ ନିର୍ବାଚନମଣ୍ଡଳୀ ବିଲୋପ ହେବା ପରେ ଏହି ପଞ୍ଚାୟତ ସମିତି ଅବହେଳିତ ହୋଇରହିଛି। ବହୁ ଯନ୍ତ୍ରୀ, ଅଧିକାରୀ ଦୀର୍ଘଦିନ ଧରି ଏଠାରେ ଅବସ୍ଥାପିତ ଅଛନ୍ତି। ଏପରି କି କେତେଜଣ କନିଷ୍ଠ ଯନ୍ତ୍ରୀ ତାଙ୍କର ଜଣେ ବାହାର ସହଯୋଗୀ ରଖି କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି। ସେମାନେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରୁଥିବା ବେଳେ ଅନିୟମିତତା କରିବା ସହ ନିମ୍ନମାନର କରାଉଛନ୍ତି। ଦାୟିତ୍ୱରେ ଥିବା ଯନ୍ତ୍ରୀ କାର୍ଯ୍ୟ ତଦାରଖ ନ କରିବା ଫଳରେ ଠିକାଦାର କାର୍ଯ୍ୟରେ ଅନିୟମିତତା କରିବାକୁ ସୁବିଧା ପାଉଛନ୍ତି। ସାମାଜିକ କର୍ମୀ କ୍ଷୀରୋଦ ମଲିକ କୁହନ୍ତି, କିଛିମାସ ତଳେ ପଞ୍ଚାୟତ ସମିତି ଅଧୀନ ଶାସନ ପଞ୍ଚାୟତରେ ଆଲୋକୀକରଣ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ଆସିଥିଲା। କାର୍ଯ୍ୟ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଭିଜିଲାନ୍ସ ହାତରେ ବନ୍ଧା ହୋଇଥିଲେ। ଏହିପରି ଅନେକ ପଞ୍ଚାୟତକୁ ଆସୁଥିବା ସରକାରୀ ଅନୁଦାନକୁ ଜେଇ ଓ ତାଙ୍କ ଅନଭିଜ୍ଞ ସହଯୋଗୀ ଠିକାଦାରଙ୍କ ମାର୍ଫତରେ ନିମ୍ନମାନର କାମକରି ବିଲ୍ ଉଠାଉଛନ୍ତି। କେହି ଅଭିଯୋଗ କଲେ ଭୟ ଦେଖାଯାଉଛି।

ଏ ସମ୍ପର୍କରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତିଙ୍କୁ ପଚାରିବାରେ ଆଲୋକୀକରଣ କାର୍ଯ୍ୟରେ ଦୁର୍ନୀତି ନେଇ ବହୁବାର ଅଭିଯୋଗ ଆସିଲାଣି। ତେବେ ଏସବୁର କାର୍ଯ୍ୟାନ୍ୱୟନ ଦାୟିତ୍ୱ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚମାନଙ୍କର। ଉନ୍ନୟନମୂଳକ କାର୍ଯ୍ୟ ଜେଇମାନେ ତଦାରଖ କରିବା କଥା। ସହଯୋଗୀଙ୍କ ଦ୍ୱାରା ତଦାରଖ କରାଯାଉଥିବା ଅଭିଯୋଗର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

# ପାରାଦୀପ ବଟନଦୀରେ ପୁଣି ମାଛ ମଡ଼କ

**ପ୍ରଦୂଷିତ ବର୍ଜ୍ୟ ପାଣି ହେଉଛି ବିପଦ**

ପାରାଦୀପ ୨୮।୪(ଶରତ ରାଉତ)



ବଟ ନଦୀରେ ମଲା ମାଛ ଭାସୁଛି।

ପାରାଦୀପରେ ମାଛ ମଡ଼କ ଘଟଣା ଏବେ ସାଧାରଣ ହୋଇଗଲାଣି। ଚଳିତ ମାସ ୧୨ ତାରିଖରେ ବନ୍ଦର ସହର ମଧ୍ୟରେ ଥିବା କପିଳଯୋରରେ ପ୍ରଚୁର ମାଛ ମରିଥିଲେ। ଏହି ଘଟଣାର ୧୩ ଦିନ ପରେ ପୁଣି ମଙ୍ଗଳବାର ବାଲିଝରା ବସ୍ତି ନିକଟସ୍ଥ ବଟ ନଦୀରେ ଅନେକ ମାଛ ମରି ଭାସୁଥିବା ଦେଖିବାକୁ ମିଳିଛି। ଏପରିକି ମଲା ମାଛ ଦୁର୍ଗନ୍ଧରେ ଅଞ୍ଚଳରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ମଲା ମାଛ ମଧ୍ୟରେ ଚାଇନା କଉ, ମାଗୁର ଓ ଚାନ୍ଦି ଅଧିକ ରହିଛନ୍ତି।

ଏ ସମ୍ପର୍କରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ପୁଷ୍କରଚନ୍ଦ୍ର ବେହେରା କୁହନ୍ତି, ଅଧିକ ଜନବସତି ଆବର୍ଜନା ଯୋଗୁ ଉକ୍ତ ନଦୀରେ ଏପରି ବାରମ୍ବାର ଘଟୁଛି। ଉକ୍ତ ନଦୀର ଜଳସ୍ରୋତ ନାହିଁ। ଚତୁଃପାର୍ଶ୍ୱରେ ବିଜୟଚନ୍ଦ୍ରପୁର କଲୋନୀ ଓ ବାଲିଝରା ବସ୍ତିର ଆବର୍ଜନା ଓ ଡ୍ରେନ ପାଣି ମିଶୁଛି। ଫଳରେ ଉକ୍ତ ନଦୀର ପାଣି ପ୍ରଦୂଷିତ ହୋଇଯାଇଛି। ଏବେ ଗ୍ରୀଷ୍ମ ପ୍ରବାହ ଯୋଗୁ ପାଣିର ଅମ୍ଳଜାନ ହ୍ରାସ ପାଇବା ଯୋଗୁ ମାଛ ମରିଛନ୍ତି। ସେଠାରେ କୌଣସି ଶିଳ୍ପ ଜଳ ମିଶୁନାହିଁ ବୋଲି ସେ କୁହନ୍ତି। ସୂଚନାଯୋଗ୍ୟ, ଉକ୍ତ ବଟନଦୀରେ ପ୍ରତି ବର୍ଷ ଜୁନ ଓ ଜୁଲାଇରେ ବର୍ଷା ହେବା ପରେ ବହୁ ସଂଖ୍ୟାରେ ମାଛ ମରିଥାନ୍ତି।

# ପ୍ରତିବାଦରେ ମହିଳା ଶୋଭାଯାତ୍ରା

**ୱାର୍ଡସଭ୍ୟାଙ୍କୁ ଜିଲାପାଳଙ୍କ ଦୁର୍ବ୍ୟବହାର ଘଟଣା**



ଏରସମା, ୨୮।୪ (ଦୀପ୍ତି ଖଣ୍ଡୁଆଳ )

ଏରସମା ବ୍ଲକ୍ ସଭାଗୃହରେ ହୋଇଥିବା ଜନଶୁଣାଣି ଶିବିରରେ ପାନୀୟ ଜଳ ସମସ୍ୟା ସମ୍ପର୍କରେ ଜଣାଇବାକୁ ଆସିଥିବା ୱାର୍ଡ ସଭ୍ୟାଙ୍କୁ ଜିଲାପାଳଙ୍କ ଦୁର୍ବ୍ୟବହାର ଘଟଣାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ମଙ୍ଗଳବାର ନଳଭେଡି ଗ୍ରାମର ୮୦ ପରିବାର ଏହା ବିରୋଧରେ ପ୍ରତିକ୍ରିୟାଶୀଳ ହୋଇଉଠିଛନ୍ତି। ଏଠାକାର ମହିଳାମାନେ ଜିଲାପାଳଙ୍କ ଦୁର୍ବ୍ୟବହାର ପ୍ରତିବାଦରେ ଶୋଭାଯାତ୍ରା କରିଥିଲେ। ଏଥିରେ ୧୨ ନଂ ୱାର୍ଡର ସଭ୍ୟା ପ୍ରତିମା ଭୌମିକ, ଲକ୍ଷ୍ମୀପ୍ରିୟା ମାଇତି, ଉଷାରାଣୀ ମାଇତି, ଉମାରାଣୀ ମାଇତି, ଝିଲି ମଣ୍ଡଳ, ପାର୍ବତୀ ପ୍ରଧାନ, ସୁମତି ପ୍ରଧାନ, ସୀମା ମଣ୍ଡଳ, ଅମିତା ମଣ୍ଡଳ, ବାସନ୍ତୀ କରଣ, ବଳକା ଭୌମିକ, ସଞ୍ଜୁ ମାଇତି ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ। ସେମାନେ ଗ୍ରାମ ପରିକ୍ରମା କରିବା ସହ ଜିଲାପାଳ ବିରୋଧୀ ସ୍ଲୋଗାନ ଦେଇ ସଚେତନତା ସୃଷ୍ଟି କରିଥିଲେ। ପରେ ୧୨ ୱାର୍ଡ ନିକଟ ପଡ଼ିଆ ପାଖରେ ଏକତ୍ରିତ ହୋଇ ନିନ୍ଦା ପ୍ରସ୍ତାବ ଗୃହୀତ କରିଥିଲେ।

ସୂଚନାଯୋଗ୍ୟ, ଗତ ୨୭ରେ ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଚାଲିଥିବା ବେଳେ ନଳଭେଡି ଗ୍ରାମର କେତେଜଣ ମହିଳା ପାଣି ସମସ୍ୟା ବିଷୟରେ କହିବାକୁ ଯାଇଥିଲେ। ମାତ୍ର ଜିଲାପାଳ ସେମାନଙ୍କ କଥା ଶୁଣିବା ତ ଦୂରର କଥା ମହିଳାମାନଙ୍କୁ ଚିତ୍କାରକରି ନାଲିଆଖି ଦେଖାଇଥିଲେ। ଏପରିକି ଧରିତ୍ରୀ ଖବରଦାତା ଖବର ସଂଗ୍ରହ କରିବାକୁ ଯାଇ ଫଟୋ ଉଠାଇଥିବାବେଳେ ଜିଲାପାଳ ଚିତ୍କାର କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶରେ ଏରସମା ଆଇଆଇସିଙ୍କ ମାଧ୍ୟମରେ ଖବରଦାତାଙ୍କ ସହ ଅପରାଧୀଙ୍କ ଭଳି ବ୍ୟବହାର କରାଯାଇଥିଲା। ସମ୍ପୃକ୍ତ ଖବରଦାତାଙ୍କ ମୋବାଇଲ ଛଡାଇ ନିଆଯିବା ସହ ଫଟୋ ଡିଲିଟ କରି ଦିଆଯାଇଥିଲା। ଏହି ଘଟଣା ସମଗ୍ର ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

# ‘ପ୍ରଚ୍ଛଦପଟ୍ଟର କୁଚକ୍ରୀ ଗୋଷ୍ଠୀକୁ ଚିହ୍ନଟ କର’

**ଦାମୋଦର ରାଉତଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣା**

କୁଜଙ୍ଗ, ୨୮।୪(ମନୋଜ ପ୍ରଧାନ)

ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଡାକ୍ତର ଦାମୋଦର ରାଉତଙ୍କ ପ୍ରତିଷ୍ଠା ହେବାକୁ ଥିବା ପ୍ରତିମୂର୍ତ୍ତିକୁ ଭାଙ୍ଗିବା ଘଟଣାରେ ବିବାଦ ବଢ଼ିବାରେ ଲାଗିଛି। ମଙ୍ଗଳବାର ଅପରାହ୍ନରେ କୁଜଙ୍ଗସ୍ଥିତ କଲ୍ୟାଣ ମଣ୍ଡପରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ନରେନ୍ଦ୍ର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇ ସ୍ୱର୍ଗତ ରାଉତଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣାକୁ ନିନ୍ଦା କରାଯାଇଛି। ଦାମୋଦର ରାଉତ ସ୍ମୃତି କମିଟି କୁଜଙ୍ଗର ସଦସ୍ୟମାନେ ଏଥିରେ ଯୋଗଦେଇ କହିଛନ୍ତି, ଏରସମା ବ୍ଲକ୍ ଶିଆଳି ବେଳାଭୂମିରେ ଯେଉଁଭଳି ବର୍ବର ଭାବେ ବନ ବିଭାଗ ପକ୍ଷରୁ ଡା. ରାଉତଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଦିଆଗଲା ତାହା ଅକ୍ଷମଣୀୟ। ଏହାର ପ୍ରଚ୍ଛଦପଟ୍ଟରେ ଥିବା କୁଚକ୍ରୀ ଗୋଷ୍ଠୀକୁ ଚିହ୍ନଟକରି ଦଣ୍ଡବିଧାନ କରାଯାଉ। ଏଥିସହ ସ୍ୱର୍ଗତ ରାଉତଙ୍କ ପ୍ରତିମୂର୍ତ୍ତି ସେହି ସ୍ଥାନରେ ସ୍ଥାପନ କରାଯାଉ।ଏହି ଖବରଦାତା ସମ୍ମିଳନୀରେ ଉପସ୍ଥିତ ନେତୃମଣ୍ଡଳୀ ଅଭିଯୋଗ କରିଥିଲେ, ଯଦି ବିନା ଅନୁମତିରେ ଜଙ୍ଗଲ ଜମିରେ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା ତେବେ ବନ ବିଭାଗ ପକ୍ଷରୁ ପ୍ରତିମୂର୍ତ୍ତି ସ୍ଥାପନ କମିଟିକୁ ନୋଟିସ କରିପାରିଥାନ୍ତେ ବା ଆଲୋଚନା ମାଧ୍ୟମରେ ଅନ୍ୟତ୍ର ସ୍ଥାନାନ୍ତର କରିପାରିଥାନ୍ତେ। କିନ୍ତୁ ତାହା ନ କରି ତାଙ୍କ ପ୍ରତିମୂର୍ତ୍ତିକୁ ବିଭିନ୍ନ ଅସ୍ତ୍ରରେ ବାଡ଼େଇ ଭାଙ୍ଗିଲେ ଯାହାକି ନିନ୍ଦନୀୟ ଓ ହୃଦୟ ବିଦାରକ। ରାଜ୍ୟ ସରକାର ଓଡ଼ିଆ ଅସ୍ମିତାର ସୁରକ୍ଷା ଓ ପୂଜ୍ୟପୂଜାଙ୍କୁ ଉଚିତ ସମ୍ମାନର କଥା କହୁଥିବା ବେଳେ ଏହି ଘଟଣା ତାଙ୍କ ଅସଲ ଚେହେରାକୁ ପଦାରେ ପକାଇଦେଇଛି। କୁଜଙ୍ଗ, ଏରସମା ଓ ପାରାଦୀପବାସୀ ଏହାକୁ କେବେ ସହ୍ୟ କରିବେ ନାହିଁ ବୋଲି ପୂର୍ବତନ ଏମ୍‌ପି ଡାକ୍ତର କୁଳମଣି ସାମଲ,ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣୀ ସାହୁ ଓ ପୂର୍ବତନ ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ସୁଡ଼ଳ ସ୍ୱାଇଁ କହିଛନ୍ତି। ଯଦି ସ୍ୱର୍ଗତ ରାଉତଙ୍କୁ ଉଚିତ ସମ୍ମାନ ନ ମିଳେ ତେବେ କୁଜଙ୍ଗରେ ଜୋର୍‌ଦାର ଆନ୍ଦୋଳନ କରାଯିବବୋଲିଚେତାବନୀଦିଆଯାଇଥିଲା।

# ସଂସ୍କୃତି ଗବେଷକ ନିରଞ୍ଜନ ମେକାପଙ୍କ ପରଲୋକ



କେନ୍ଦ୍ରାପଡ଼ା,୨୮।୪ (ଜଗନ୍ନାଥ ଧଳ)

ତୁଳସୀକ୍ଷେତ୍ରର ପରମ୍ପରା ଓ ସଂସ୍କୃତି ଗବେଷକ ତଥା ବଳଦେବ ସେନାର ମୁଖ୍ୟ ଉପଦେଷ୍ଟା ନିରଞ୍ଜନ ମେକାପଙ୍କର ସୋମବାର ବିଳମ୍ବିତ ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୩ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଶ୍ରୀ ବଳଦେବଜୀଉ ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନା, ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ବିଧାୟକ ଗଣେଶ୍ୱର ବେହେରା, ପୌରାଧ୍ୟକ୍ଷା ସରିତା ସାହୁ, ରଞ୍ଜିତ ସାହୁ, ଭାଜପା ନେତା ଭୁବନମୋହନ ଜେନା, ଜିଲା ବିଜେଡି ସଭାପତି ରାଜେଶ ଦାସ, ଯୁବନେତା ରାଜେଶ ପଣ୍ଡା, ହିରଣ୍ୟ କୁମାର ପଣ୍ଡା, ବଳଦେବ ସେନା ସଭାପତି ପପୁନ କୁମାର ସ୍ୱାଇଁ ସ୍ୱର୍ଗତ ମେକାପଙ୍କ ମଧ୍ୟଖଣ୍ଡି ବାସଭବନରେ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ମଧ୍ୟଖଣ୍ଡି ଗ୍ରାମରୁ ଶ୍ମଶାନ ପର୍ଯ୍ୟନ୍ତ ସହର ମଧ୍ୟ ଦେଇ ଯାଇଥିବା ଶବାଧାରରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ। ପୁତ୍ର ନୀଳାଦ୍ରି ମେକାପ ମୁଖାଗ୍ନି ଦେଇଥିଲେ।

ଶିକ୍ଷକତାରୁ ଅବସର ନେବା ପରେ ନିରଞ୍ଜନ ମେକାପ ତୁଳସୀ କ୍ଷେତ୍ରର ସଂସ୍କୃତିର ପ୍ରଚାର ପ୍ରସାରରେ ଲାଗିଥିଲେ। କେନ୍ଦ୍ରାପଡ଼ା ରସାବଳିକୁ ଜିଆଇ ଟ୍ୟାଗ ଦେବାରେ ତାଙ୍କର ଉଦ୍ୟମ ଥିଲା। ଏଥିସହିତ ସେ ବଳଦେବ ସେନାର ମୁଖ୍ୟ ଉପଦେଷ୍ଟା ସହ ମୁଖପାତ୍ର ଥିଲେ। ଶ୍ରୀ ବଳଦେବଜୀଉ ମନ୍ଦିରର ଉନ୍ନତୀକରଣ ସହ ପାରିପାର୍ଶ୍ୱିକ ସ୍ଥିତିର ଉନ୍ନତି ପାଇଁ ସର୍ବଦା ତତ୍ପର ଥିଲେ। ଚଳିତବର୍ଷ ଶ୍ରୀଜୀଉଙ୍କ ନୂତନ ବ୍ରହ୍ମ ତାଳଧ୍ୱଜ ରଥ ନିର୍ମାଣ ପାଇଁ କାଠ ଆଣିବା ସହ ରଥଯାତ୍ରା ପ୍ରସ୍ତୁତି ବୈଠକରେ ତାଙ୍କର ମତକୁ ଅଗ୍ରାଧିକାର ଦିଆଯାଉଥିଲା। ତାଙ୍କ ଦ୍ୱାରା ଲିଖିତ ପୁସ୍ତକ ରସାବଳି, ଶ୍ରୀ ବଳଦେବଜୀଉ ଓ ତୁଳସୀକ୍ଷେତ୍ର, ଇତିହାସ ଅର୍ଗଳିରେ ବଡ଼କୋଠା ଓ ନରେନ୍ଦ୍ର ପରିବାର, ଇତିହାସ ପୃଷ୍ଠାରେ ଉଡ୍ର ସଭ୍ୟତା, ଅଗ୍ନିପୁତ୍ର ବିପ୍ଳବୀ ଆନନ୍ଦଚନ୍ଦ୍ର, କୁଜଙ୍ଗ ଇତିହାସ, ଜଗଜ୍ଜନନୀ ମା’ ଶାରଳା ଓ ଆର୍ଯ୍ୟପୁତ୍ର ଆଦି ଗବେଷଣାମୂଳକ ପୁସ୍ତକକୁ ବୁଦ୍ଧଜୀବୀ ମହଲରେ ପ୍ରଶଂସିତ ହୋଇଥିଲା। ଜିଲା ପ୍ରଶାସନ ପକ୍ଷରୁ ପ୍ରକାଶିତ ସୂଚନା ପୁସ୍ତିକା ଓ ୫୦୦ରୁ ଉର୍ଦ୍ଧ୍ୱ ଆଲେଖ୍ୟ ଲୋକଲୋଚନକୁ ଆସିଛି।

# ପୋଖରୀରେ ବୁଡ଼ି ଶିଶୁପୁତ୍ର ମୃତ

ଏରସମା, ୨୮।୪ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ଜପା ପଞ୍ଚାୟତ ଅନ୍ତର୍ଗତ ଧୋବେଇ ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ପୋଖରୀରେ ବୁଡ଼ିଯିବାରୁ ଏକ ୨ ବର୍ଷ ଶିଶୁ ପୁତ୍ରର ମୃତ୍ୟୁ ଘଟିଛି। ସେ ହେଲା ଏହି ଗ୍ରାମର ଶିବ ସ୍ୱାଇଁଙ୍କ ପୁଅ କାହ୍ନା । ସେ ଅପରାହ୍ନରେ ଘର ନିକଟସ୍ଥ ବାଡ଼ିରେ ଖେଳୁଥିଲା। ପରିବାର ଲୋକେ କାର୍ଯ୍ୟରେ ବ୍ୟସ୍ତ ଥିବା ବେଳେ କାହ୍ନା ବାଡି ପଛପଟ ପୋଖରୀକୁ ଯାଇ ସେଠାରେ ପଡ଼ିଯାଇଥିଲା। କିଛି ସମୟପରେ ପୁଅକୁ ନ ପାଇ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ତାକୁ ପୋଖରୀରେ ଭାସୁଥିବା ଦେଖିଥିଲେ। ତୁରନ୍ତ ତାକୁ ପାଣିରୁ ବାହାର କରି ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ କାହ୍ନାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଜଗତ୍‌ସିଂହପୁର ଜିଲାକୁ ୬ ପଦକ

**ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତା**

ପାରାଦୀପ,୨୮।୪(ଶରତ ରାଉତ)

ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲ ପରିସରରେ ୩୮ତମ ସବ୍ ଜୁନିଅର୍ ରାଜ୍ୟସ୍ତରୀୟ କରାଟେ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗତ୍‌ସିଂହପୁର ଜିଲାର କ୍ରୀଡ଼ାବିତମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଏହି ପ୍ରତିଯୋଗିତାରେ ଜିଲା ମୋଟ ୬ଟି ପଦକ ହାସଲ କରି ଗୌରବ ଆଣିଛି। ଗତ ଏପ୍ରିଲ ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ଚାମ୍ପିୟନଶିପରେ ରାଜ୍ୟର ବିଭିନ୍ନ ଜିଲାର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ପକ୍ଷରୁ ଅର୍ମାନ ସ୍ୱାଇଁ ଓ ଆତିଥ୍ୟା ମିଶ୍ର ରୌପ୍ୟ ପଦକ ଜିତିଥିବା ବେଳେ ଶୁଭଲକ୍ଷ୍ମୀ ମହାପାତ୍ର, ଭୀଷ୍ମରାଜ ନନ୍ଦୀ, ଶ୍ରୀତମ ସାହୁ ଓ କିମାୟା ଭୂଷଣ ବ୍ରୋଞ୍ଜ ପଦକ ହାସଲ କରି ସଫଳତା ଅର୍ଜନ କରିଛନ୍ତି।

# ପୂର୍ଣ୍ଣାହୁତିରେ ୫୦ ହଜାରରୁ ଉର୍ଦ୍ଧ୍ୱ ଜନସମାଗମ

**ଗୋରେଖନାଥ ପୀଠ ବିଶ୍ୱଶାନ୍ତି ମହାଯଜ୍ଞ**

■ ବିଦ୍ୟୁତ୍ କାଟ ନେଇ ଯାତ୍ରୀ ଅସନ୍ତୋଷ

■ ମିନାବଜାରରେ ପ୍ରବଳ ଗହଳି

ରଘୁନାଥପୁର,୨୮।୪(ରାଜେନ୍ଦ୍ର ନାରାୟଣ ସିଂହ)



ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ୍ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ଗତ ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଥିବା ଅଷ୍ଟଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ସୋମବାର ସମ୍ପନ୍ନ ହୋଇଛି। ପୂର୍ଣ୍ଣାହୁତି ଅବସରରେ ୫୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା କମିଟି କର୍ମକର୍ତ୍ତାଙ୍କ ପକ୍ଷରୁ ସୂଚନା ମିଳିଛି। ଭିଡ଼କୁ ଦୃଷ୍ଟିରେ ରଖି ପୀଠ ପ୍ରଶାସନ ପକ୍ଷରୁ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଥିଲା। ପର୍ଯ୍ୟାପ୍ତ ପାନୀୟଜଳ ସହ ପୀଠ ପରିସର ଓ ଚତୁଃପାର୍ଶ୍ୱକୁ ଆଲୋକରେ ସଜାଯାଇଥିଲା। ତେବେ ବିଦ୍ୟୁତ୍ ବିଭାଗର ବାରମ୍ବାର ଲାଇନ କାଟ ଯୋଗୁ ଉପସ୍ଥିତ ଲୋକେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ତିର୍ତ୍ତୋଲ ପୋଲିସ ପକ୍ଷରୁ ଶୃଙ୍ଖଳିତ ଦର୍ଶନ ଓ ବିଭିନ୍ନ ସ୍ଥାନରେ ପୋଲିସ ନିୟୋଜିତ କରାଯାଇଥିଲା। ପୀଠ ପରିସରରେ ଫାଷ୍ଟ ଏଡ୍ ସୁବିଧା ଓ ଦମକଳ ବାହିନୀ ନିୟୋଜିତ ରହି ସେବା ଉପଲବ୍ଧ କରାଇଥିଲେ। ରାତି ପ୍ରାୟ ୧୧ ଟାରେ ପୂର୍ଣ୍ଣାହୁତି ହୋଇଥିଲା। ଜୟ ପ୍ରଭୁ ଗୋରେଖନାଥ ଓ ହରିବୋଲ ହୁଳହୁଳିରେ ଅଞ୍ଚଳ ପ୍ରକମ୍ପିତ ହୋଇଉଠୁଥିଲା। ସନ୍ଧ୍ୟା ପରଠୁ ମିନାବାଜାରରେ ଅସମ୍ଭବ ଗହଳି ପରିଲକ୍ଷିତ ହୋଇଥିଲା। ଲୋକେ ମିନାବଜାରରୁ ଆବଶ୍ୟକ ସୌଖୀନ ଓ ଘରକରଣା ଜିନିଷ କିଣିବା ସହ ଗୁପଚୁପ, ଠୁଙ୍କାପୁରି, ଚାଓମିନ ଭଳି ଚଟପଟି ଖାଦ୍ୟର ମଜା ନେଉଥିଲେ। ସେହିପରି ପିଲାମାନେ ପଡ଼ିଖିଆ ଦୋଳି ଓ ଚକ୍ରିରେ ଝୁଲିବା ଏବଂ ଚିମାଟ କାରରେ ବସି ମଜା ଉଠାଉଥିଲେ। ସ୍ଥାନୀୟ ଗ୍ରାମବାସୀ ଦୂରଦୂରାନ୍ତରୁ ଆସିଥିବା ଯାତ୍ରୀମାନେ ରାତିରେ ଯାତ୍ରା ଦେଖିଥିଲେ। ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ତତ୍ତ୍ୱାବଧାନ ତଥା ପୀଠ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶୌର୍ଯ୍ୟରଞ୍ଜନ ପରିଡ଼ାଙ୍କ ପରିଚାଳନାରେ ସମସ୍ତ କାର୍ଯ୍ୟ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିଲା। ରଘୁନାଥପୁର ତହସିଲଦାର ରାଜଲକ୍ଷ୍ମୀ ନାୟକ ଓ ଅତିରିକ୍ତ ତହସିଲଦାର ମନୋଜ କୁମାର ବେହେରା ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ରହିଥିବାବେଳେ ତିର୍ତ୍ତୋଲ ଏସ୍‌ଡିପିଓ ଅଜୟ କୁମାର ଦାସ ଆଇନ ଶୃଙ୍ଖଳା ଦାୟିତ୍ୱ ତଦାରଖ କରିଥିଲେ। ତିର୍ତ୍ତୋଲ ଆଇଆଇସି ବଂଶୀଧର ପ୍ରଧାନ ଉପସ୍ଥିତ ରହି ପୋଲିସ ବ୍ୟବସ୍ଥାକୁ ପରିଚାଳନା କରିଥିଲେ।

# ଶ୍ରୀପଲ୍ଲିଟେକ୍‌ନିକ୍ କଲେଜରୁ ଜବରଦଖଲ ଉଚ୍ଛେଦ

ଓଡ଼ଗାଁ, ୨୮।୪(ନାରାୟଣ ପାଣିଗ୍ରାହୀ)

ଓଡ଼ଗାଁ ବ୍ଲକ କୋମଣ୍ଡ ପଞ୍ଚାୟତ ମକରପଦା ଠାରେ ଗଢ଼ି ଉଠିଥିବା ଶ୍ରୀପଲ୍ଲିଟେକ୍‌ନିକ୍ କଲେଜ ଜବରଦଖଲ କରି ଏକର ଏକର ଜମି ମାଡ଼ି ବସିଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଗତ ଡିସେମ୍ବରରେ ରାଜସ୍ୱ ବିଭାଗ ମାପଚୁପ କରିବା ପରେ ଚିଠି ନଂ. ୪୩୭୨୦୨୫ରେ ୩୫ ଡିସିମିଲ ଓ ୦.୪ ଡିସିମିଲ କିସମ ନାଳ, ୪୩୮୨୫ରେ ୧୫ ଡେସିମିଲ କିସମ ଗ୍ରାମ୍ୟ ଜଙ୍ଗଲ, ୪୩୯୨୫ରେ ୨୫ ଡେସିମିଲ କିସମ ନାଳ ଭାବରେ ୭୯ ଡେସିମିଲ ବେଦଖଲ ବୋଲି ଦର୍ଶାଇଛନ୍ତି। ରାଜସ୍ୱ ବିଭାଗ ଓ ପୋଲିସ ଫୋର୍ସ କଲେଜରେ ପହଞ୍ଚି ଜବରଦଖଲ ଉଚ୍ଛେଦ କାର୍ଯ୍ୟ କରିଛନ୍ତି।

ସୂଚନାନୁଯାୟୀ, ଶ୍ରୀପଲ୍ଲିଟେକ୍‌ନିକ୍ କଲେଜ ନାମରେ ଜମି ହଡ଼ପ ଅଭିଯୋଗ ହୋଇଥିଲା ସତ, ହେଲେ କଲେଜ ପକ୍ଷରୁ ଉକ୍ତ ସରକାରୀ ଜାଗା ଉପରେ କେତେକ ନିର୍ମାଣ କାର୍ଯ୍ୟ କରାଯାଇ ନାହିଁ। କୋମଣ୍ଡ ମକରପଦା ଗ୍ରାମବାସୀ ସରକାରୀ ଜମି କଲେଜ ମାଲିକ ମାଡ଼ିବସି ସେଥିରେ ବିଶାଳ କୋଠା, ଖେଳପଡ଼ିଆ ଆଦି ନିର୍ମାଣ କରିଥିବା ଅଭିଯୋଗ କରିଥିଲେ। ସେତିକି ନୁହେଁ, ଏକ ଆମ୍ବତୋଟା ଓ କେନାଲକୁ ନିଜ କବ୍‌ଜାକୁ ନେଇ ଯାଇଥିଲେ। ଗ୍ରାମବାସୀ ସରକାରୀ ଜମି ଛାଡ଼ିବାକୁ କଲେଜ ମାଲିକ ଶ୍ରୀନିବାସ ସୁବୁଦ୍ଧିଙ୍କୁ କହିଥିଲେ, କିନ୍ତୁ ସେ ସେଥିରେ ରାଜି ହୋଇଥିଲେ। ସେ କହିଥିଲେ, ସରକାର ତାଙ୍କ ଜାଗା ନିଅନ୍ତୁ, ସେଥିରେ ଆମର କିଛି ଅସୁବିଧା ନାହିଁ। ଗ୍ରାମରେ ଏକ ବୈଠକ ବସି ସରକାରୀ ଜମି ଜବରଦଖଲ ଉଚ୍ଛେଦ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଓଡ଼ଗାଁ ତହସିଲଦାରଙ୍କ ନିକଟରେ ଆବେଦନ କରିବା ପରେ ଜମି ମାପଚୁପ ହୋଇ ଚିହ୍ନଟ ଆରମ୍ଭ ହୋଇଥିଲା। କିଛିଦିନ ଧରି ରାଜସ୍ୱ ବିଭାଗ ଚୁପ୍ ରହିବା ପରେ ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ଦୁଇଜଣ ଅତିରିକ୍ତ ତହସିଲଦାର, ଓଡ଼ଗାଁ ଥାନା ସବ୍‌ଇନ୍ସପେକ୍ଟର ଚକ୍ରଧର ସିଂ ଓ ଫୋର୍ସ ମୁତୟନ ହୋଇ ଶ୍ରୀପଲ୍ଲିଟେକ୍‌ନିକ୍ କଲେଜ ପାଚେରିକୁ ଜେସିବି ଲଗାଇ ଭାଙ୍ଗି ଦେଇଥିଲେ। ସୁବୁଦ୍ଧିଙ୍କ କହିବା କଥା, ଆମେ ସରକାରୀ ଜାଗା ମାଡ଼ିବସିନୁ। ଉକ୍ତ ନାଳର ଦୁଇ ପାର୍ଶ୍ୱରେ ଥିବା ସମସ୍ତ ଜାଗା ହେଉଛି ଶିଳ୍ପ ତାଲିମ ଶିକ୍ଷାକେନ୍ଦ୍ରର। ଏଠାରେ ଗ୍ରାମର ଏବଂ ବାହାରୁ ବହୁତ ଛାତ୍ରୀଛାତ୍ର ପଢୁଛନ୍ତି। ସେମାନଙ୍କ ସୁବିଧା ପାଇଁ ଜଙ୍ଗଲରୁ ବନ୍ୟଜନ୍ତୁ, ଅସାଧାରଣ ଲୋକଙ୍କ ଅବାଧ ପ୍ରବେଶକୁ ରୋକିବା ପାଇଁ ନାଳର ଉଭୟ ପାର୍ଶ୍ୱରେ ପାଚେରି ନିର୍ମାଣ କରାଯାଇଥିଲା। ଉକ୍ତ ଶିକ୍ଷାକେନ୍ଦ୍ରରେ କେବଳ ନୟାଗଡ଼ ଜିଲା ନୁହେଁ, ବାହାର ଜିଲାରୁ ବହୁତ ପିଲା ଆସି ରହି ପଢୁଛନ୍ତି। ସେମାନଙ୍କ ଦାୟିତ୍ୱ ନେବା ଦରକାର। ଏଥିରେ ଖାଲି କୋମଣ୍ଡ ନୁହେଁ, ଆମ ନୟାଗଡ଼ ଜିଲାର ଗୌରବ। ଏଥିରେ ସାଧାରଣ ଲୋକଙ୍କ କିଛି ଅସୁବିଧା ହେଉ ନ ଥିଲା। ଗ୍ରାମବାସୀଙ୍କ କହିବା କଥା, ଶିକ୍ଷାକେନ୍ଦ୍ର ପରିସରରେ ପ୍ରତିବର୍ଷ ଗ୍ରାମର ଠାକୁରାଣୀଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଆସୁଥିଲା। ଯାତ୍ରା ସରିବା ପରେ କିଛି ଅଳିଆ ଆବର୍ଜନା ସେଠାରେ ପଡ଼ିଥିଲା। ଅଳିଆ ସଫା କରିଦିଅ ବୋଲି ମାଲିକ କହିଥିଲେ। ପରେ ଗ୍ରାମବାସୀ ଓ ସୁବୁଦ୍ଧିଙ୍କ ସହ ବଚସା ହୋଇଥିଲା। ଗ୍ରାମବାସୀଙ୍କ କହିବା କଥା, ଆମେ ଯଦି ଅଳିଆ କରିଛୁ ତମେ କାହିଁକି ସରକାରୀ ଜମି ମାଡିବସିଛ। ଯଦି ସରକାରୀ ଜମି ମାଡିବସିଛ, ତା’ହେଲେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ପାଖରେ ଥିବା ତମ ଜାଗା ଆମକୁ ଦିଅ, ଆମେ ଠାକୁରାଣୀଙ୍କ ଯାତ୍ରା କରିବୁ; ନଚେତ ସରକାରୀ ଜାଗା ଜବରଦଖଲକୁ ଆମେ ଉଚ୍ଛେଦ କରିବୁ। ସୁବୁଦ୍ଧିଙ୍କ କହିବା କଥା, ସେଠାରେ ତ ଗୋଟିଏ ମନ୍ଦିର ଅଛି, ତମେ ଅନ୍ୟ ଜାଗାରେ ଠାକୁରାଣୀଙ୍କ ମନ୍ଦିର ନିର୍ମାଣ କର, ମୁଁ ତମକୁ ସାହାଯ୍ୟ କରିବି। ଆଉ ଆମର ଏଠାରେ ଠାକୁରାଣୀଙ୍କ ଯାତ୍ରା କରାଯାଉ, ମୋର କିଛି ଆପତ୍ତି ନାହିଁ। ଏହି ଶିକ୍ଷାକେନ୍ଦ୍ର ଆପଣଙ୍କର। ଆପଣଙ୍କ ପିଲାମାନଙ୍କ ଭବିଷ୍ୟତ ଆଉ ଓଡ଼ିଶାରେ ଏହି ଶିଳ୍ପ ତାଲିମ କେନ୍ଦ୍ରକୁ ନୟାଗଡ଼ ଜିଲାରେ ଗଢ଼ି ତୋଳିବାରେ ଆପଣମାନଙ୍କର ହିଁ ଦାୟିତ୍ୱ ବୋଲି କଲେଜ ମାଲିକ ଶ୍ରୀନିବାସ ସୁବୁଦ୍ଧି କହିଛନ୍ତି। ଏପଟେ ତହସିଲଦାରଙ୍କ କହିବା କଥା, ତାଙ୍କର କେତେକ ଦଖଲ ଉଚ୍ଛେଦ କରାଯାଇଛି। ଆଉ କିଛି ମେ’ ୪ ତାରିଖରେ ଉଚ୍ଛେଦ କରାଯିବ ବୋଲି ନୋଟିସ ଜାରି କରାଯାଇଛି।

## ଓଡ଼ଗାଁ ବାର୍ ଆସୋସିଏଶନ ପକ୍ଷରୁ ମଧୁ ଜୟନ୍ତୀ


ମଧୁବାବୁଙ୍କ ଫଟୋ ନିକଟରେ ଆଇନଜୀବୀ ଓ ବିଚାରପତି ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।

ଓଡ଼ଗାଁ, ୨୮।୪(ନାରାୟଣ ପାଣିଗ୍ରାହୀ)

ଓଡ଼ଗାଁ ସିଭିଲ କୋର୍ଟ ପରିସରରେ ବାର୍ ଆସୋସିଏଶନ ସଭାଗୃହରେ ସଭାପତି ଆଇନଜୀବୀ ସୁଶାନ୍ତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ମଧୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହିତ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ସମ୍ପାଦକ ଆଡ୍‌ଭୋକେଟ ଚିରଞ୍ଜୀବୀ ଦାଶ ସ୍ୱାଗତ ଭାଷଣ ଦେଇଥିବାବେଳେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ଦୌରାଜଜ୍ ସଂଘମିତ୍ରା ଶର୍ମା, ମୁଖ୍ୟବକ୍ତା ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ ଓ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଦେୱାନି ବିଚାରପତି ରାଜେନ୍ଦ୍ର କୁମାର ଦାସ ଓ କନିଷ୍ଠ ଦେୱାନି ବିଚାରପତି ପ୍ରେରଣାଶ୍ରୀ ଦେଓ ପ୍ରମୁଖ ଯୋଗଦେଇ ମଧୁ ବାରିଷ୍ଟରଙ୍କ ସ୍ମୃତିଚାରଣ ପୂର୍ବକ ଓଡ଼ିଆ ଭାଷାର ବିକାଶ, ଭାଷାଭିତ୍ତିରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ମଧୁବାବୁଙ୍କ ଆତ୍ମ ଜୀବନୀ,ମଧୁବାରିଷ୍ଟର ଉପାଧି, ଓକିଲାତି ପ୍ରତି ତାଙ୍କର ଅବଦାନ ଉପରେ ବକ୍ତାମାନେ ଆଲୋକପାତ କରିବା ସହ ଜଣେ ଆଇନଜ୍ଞ ଭାବରେ ମଧୁବାବୁଙ୍କ ଦକ୍ଷତା ସମଗ୍ର ଆଇନଜୀବୀଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ମତବ୍ୟକ୍ତ କରିଥିଲେ। ବରିଷ୍ଠ ଆଇନଜୀବୀ ଗୋବିନ୍ଦ ଚନ୍ଦ୍ର ସାହୁ, ପବିତ୍ର ମୋହନ ସାହୁ, କିଶୋର ଚନ୍ଦ୍ର ସାହୁ, ବସନ୍ତ କୁମାର ମହାନ୍ତି, ଚିତ୍ତରଞ୍ଜନ ସେନାପତି ଓ ପୂର୍ଣ୍ଣଚନ୍ଦ୍ର ଦୋରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏସ୍‌ପି, ଜିଲାପାଳଙ୍କ ବାସଭବନରେ ମା’ ବ୍ୟାଘ୍ରଦେବୀଙ୍କୁ ପୂଜାର୍ଚ୍ଚନା

ଛତ୍ରପୁର, ୨୮।୪(ଦିଲୀପ ସାମଲ)

ପ୍ରତି ଦୁଇ ବର୍ଷକୁ ଥରେ ଛତ୍ରପୁର ସହରରେ ମା’ ବ୍ୟାଘ୍ରଦେବୀଙ୍କ ଯାତ୍ରା ହୋଇ ଆସୁଛି। ଗତ ୨୬ ତାରିଖରୁ ଆଡ଼ମ୍ବରରେ ଏହି ଯାତ୍ରା ଆରମ୍ଭ ହୋଇଛି। ଚଳିତ ବର୍ଷ ଏହି ଯାତ୍ରା ୯ ଦିନ ବ୍ୟାପି ହେବ। ସୋମବାର ମା’ଙ୍କ ଘଟ ପାରମ୍ପରିକ ନିୟମ ଅନୁସାରେ ଅସ୍ଥାୟୀ ମନ୍ଦିରରୁ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ବାହାରି ଗଞ୍ଜାମ ଏସପିଙ୍କ ବଙ୍ଗଳାକୁ ଯାଇଥିଲା। ସେଠାରେ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ଏବଂ ତାଙ୍କ ସ୍ତ୍ରୀ ବିପଶା ପାରୁଲ ଉପସ୍ଥିତ ରହି ରୀତିନୀତି ଅନୁସାରେ ମା’ଙ୍କ ପୂଜାର୍ଚ୍ଚନା କରିଛନ୍ତି। ଏହାପରେ ମା’ଙ୍କ ଘଟ ଗଞ୍ଜାମ ଜିଲାପାଳଙ୍କ ବାସଭବନକୁ ଯିବାରେ ଜିଲାପାଳ ଭି. କୀର୍ତ୍ତି ଭାସନ ଏବଂ ତାଙ୍କ ମା’ ପୂଜାର୍ଚ୍ଚନା କରିଥିଲେ। ଏହାପରେ ଘଟ ଥାନା ପରିକ୍ରମା କରିଥିଲା। ସେଠାରେ ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ଏବଂ ସମସ୍ତ ଅଧିକାରୀ କର୍ମଚାରୀ ଉପସ୍ଥିତ ରହି ପୂଜା କରିଥିଲେ। ଛତ୍ରପୁର ଏସଡିପିଓ ଚନ୍ଦନ କୁମାର ଘଡ଼ାଇ ମଧ୍ୟ ପୂଜାର୍ଚ୍ଚନା କରିଥିଲେ। ପରେ ରାତିରେ ମା’ ଅସ୍ଥାୟୀ ମନ୍ଦିରକୁ ଫେରି ଆସିଥିଲେ। ଆଲୋକ ସଜ୍ଜା ସହିତ ସୁନ୍ଦର ତୋରଣରେ ମାଙ୍କ ମନ୍ଦିର ଓ ଅସ୍ଥାୟୀ ମନ୍ଦିର ଝଲସି ଉଠୁଛି। ଆଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମିନା ବଜାର ହେବ ବୋଲି ସୂଚନା ମିଳିଛି।

# ରାଜ୍ୟସଭା ସଦସ୍ୟ ଦିଲୀପ ରାୟଙ୍କ ଫତେଗଡ଼ ଶ୍ରୀରାମ ମନ୍ଦିର ଦର୍ଶନ


ଫତେଗଡ ଶ୍ରୀରାମ ମନ୍ଦିରରେ ଦିଲୀପ ରୟଙ୍କୁ ପ୍ରତିମୂର୍ତ୍ତି ଦେଇ ସମ୍ବର୍ଦ୍ଧିତ କରାଯାଉଛି।

ଭାପୁର, ୨୮।୪(ପ୍ରଭାତ ବରାଡ)

ନୟାଗଡ଼ ଜିଲା ଭାପୁର ବ୍ଲକକୁ ଅଚାନକ ଗ୍ରସ୍ତ କରିଥିଲେ ରାଜ୍ୟସଭା ସଦସ୍ୟ ଦିଲୀପ ରାୟ। ପ୍ରାତଃ ସମୟରେ ଫତେଗଡ଼ ଶ୍ରୀରାମ ମନ୍ଦିରକୁ ଯାଇ ପ୍ରଭୁଙ୍କ ଦର୍ଶନ କରିଥିଲେ। ଶ୍ରୀରାମ ପରିଷଦ ସେବା ତରଫରୁ ନିରଞ୍ଜନ ବେହେରା, ସନ୍ତୋଷ କୁମାର ତ୍ରିପାଠୀ, ପୂଜାରୀ ସରୋଜ କୁମାର ମହାପାତ୍ର, ମନ୍ଦିର ପ୍ରତିଷ୍ଠାତା ତଥା ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଉପସ୍ଥିତ ରହି ଦର୍ଶନରେ ସହଯୋଗ କରିବା ସହ ପ୍ରଭୁ ଶ୍ରୀରାମଙ୍କ ଫଟୋଚିତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

ଏହାପରେ ସଦସ୍ୟ ରାୟ ଓଡ଼ିଶାର ସର୍ବ ବୃହତ୍ତମ ତଥା ଏସିଆ ମହାଦେଶର ଦ୍ୱିତୀୟ ଉଷ୍ଣପ୍ରବଣ ଭାପୁର ବ୍ଲକ ଗୋଳାପୋଖରୀ ପଞ୍ଚାୟତ ତରବାଲୋ ନିକଟସ୍ଥ ନୀଳକଣ୍ଠ ପ୍ରସାଦ ମୌଜାରେ ଅବସ୍ଥିତ ଉଷ୍ଣପ୍ରବଣ ତଥା ନୀଳକନ୍ଦର ହଟ ସ୍ପ୍ରିଙ୍ଗ ପରିଦର୍ଶନରେ ଯାଇଥିଲେ। ତରବାଲୋ ଓ ନୀଳକଣ୍ଠପ୍ରସାଦ ଉଭୟ ଗ୍ରାମର ଶହେରୁ ଊର୍ଦ୍ଧ୍ୱ ବ୍ୟକ୍ତିମାନଙ୍କୁ ଡାକି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଉକ୍ତ ଉଷ୍ଣପ୍ରସ୍ରବଣ ଅଞ୍ଚଳରେ ଉନ୍ନତି ନିମନ୍ତେ ରାୟ ତତ୍ପର ଥିବା ଜଣାପଡିଥିଲା। ସେ ଲୋକସଭାରେ ଏ ପ୍ରସଙ୍ଗ ଉଠାଇବେ ବୋଲି ଜଣାପଡିଛି। ରାୟଙ୍କ ସହ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଗୋଳାପୋଖରୀ ସରପଞ୍ଚଙ୍କ ପ୍ରତିନିଧି ଅନିଲ କୁମାର ବୈରୀରଞ୍ଜନ, ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ସାମନ୍ତରାୟ, ପୂର୍ବତନ ଜିଲାପରିଷଦ ସଭ୍ୟ ବସନ୍ତ କୁମାର ମାଝୀ, ନାଏବ ସରପଞ୍ଚ ମନୁ ଚରଣ ନାୟକ, ସାମାଜିକକର୍ମୀ ଅମୂଲ୍ୟ ପରମଗୁରୁ, ଅଜିତ କୁମାର ପାଇକରାୟ ଓ ଉଭୟ ଗ୍ରାମର ଜନସାଧାରଣ ପ୍ରମୁଖ ଉପସ୍ଥିତ ରହି ପରିଦର୍ଶନରେ ସହଯୋଗ କରିଥିଲେ।

## ମେଡିସିନ, ସର୍ଜରି ୱାର୍ଡରେ କାମକରୁନି ଏସି

### ଅଭିଯୋଗ ପରେ ସୁଫଳ ନ ମିଳିବାରୁ ଜିଲାପାଳଙ୍କୁ ଫେରାଦ

ନୟାଗଡ଼, ୨୮।୪(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ମେଡିସିନ୍ ଓ ସର୍ଜରି ୱାର୍ଡରେ ପ୍ରାୟ ୧ ମାସ ହେଲା ଏସି ଖରାପ ହୋଇପଡ଼ିଛି। ଅଚଳ ଏସିଗୁଡ଼ିକ ମରାମତି କିମ୍ବା ନୂଆ ଏସି ଲଗାଇବା ପାଇଁ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଗ୍ରୀଷ୍ମ ପ୍ରକୋପ ଓ ଗୁଳୁଗୁଳି ଅସହ୍ୟ ହେଉଥିବାବେଳେ ଏସି ଅଚଳ ରୋଗୀଙ୍କ ପାଇଁ ଅସହ୍ୟ ହୋଇଛି। ଏଭଳିସ୍ଥଳେ ଜୟ ନୟାଗଡ଼ ଫାଉଣ୍ଡେଶନ ପକ୍ଷରୁ ଏକ ପ୍ରତିନିଧିମଣ୍ଡଳ ମଙ୍ଗଳବାର ଜିଲାପାଳ ମଧୁମିତା ରଥଙ୍କୁ ଭେଟି ଏହାର ସମାଧାନ କରିବାକୁ ନିବେଦନ କରିଛନ୍ତି।

## ସିଜିମାଳିରେ ମାନବାଧିକାର ଉଲ୍ଲଂଘନ ଅଭିଯୋଗ
# ଆଦିବାସୀ ମହାସଂଘ ଦେଲା ଦାବିପତ୍ର

ଫୁଲବାଣୀ, ୨୮।୪(ରାକେଶ କୁମାର ରାଉତ)

ରାୟଗଡା ଜିଲା ସିଜିମାଳିରେ ଆଦିବାସୀମାନଙ୍କ ଉପରେ ଚାଲିଥିବା ଅତ୍ୟାଚାର ମାନବାଧିକାର ଉଲ୍ଲଂଘନ କରୁଛି ବୋଲି ଓଡିଶା ଆଦିବାସୀ ମହାସଂଘ ଅଭିଯୋଗ କରିଛି। ଏହାର ପ୍ରତିବାଦରେ ମଙ୍ଗଳବାର ଆଦିବାସୀ ମହାସଂଘ ପ୍ରଶାସନକୁ ଦାବିପତ୍ର ଦେଇଛି। ଆଦିବାସୀଙ୍କ ଭିଟାମାଟି ଓ ବନ୍ୟ ସମ୍ପଦକୁ ବଞ୍ଚାଇବା, ବେଆଇନ ଖଣି ଖନନକୁ ବନ୍ଦ କରିବା ଲାଗି ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ସରକାର ଦମନ କରିବାକୁ ଚେଷ୍ଟା କରୁଛନ୍ତି। ଆଦିବାସୀ ନେତା ଓ ଗ୍ରାମବାସୀଙ୍କୁ ଅନ୍ୟାୟ ଭାବେ ଗିରଫ କରାଯାଉଛି। ମହିଳାଙ୍କ ପ୍ରତି ଦୁର୍ବ୍ୟବହାର କରାଯାଉଛି ବୋଲି ମହାସଂଘ ପ୍ରକାଶ କରଛି। ଏହାର ପ୍ରତିବାଦରେ ମହାସଂଘ କନ୍ଧମାଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛି। ଏଥିସହ ଜିଲାରେ ଜଣେ ଶିକ୍ଷକଙ୍କ ଦ୍ୱାରା ଛାତ୍ରୀଙ୍କୁ ବଳାତ୍କାର, ନବୋଦୟ ବିଦ୍ୟାଳୟ ଛାତ୍ରଙ୍କ ଆତ୍ମହତ୍ୟା, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଆଦିବାସୀ ଛାତ୍ରାବାସ ବନ୍ଦ ହେବା ଘଟଣାରେ ମହାସଂଘ ଉଦ୍‌ବେଗ ପ୍ରକାଶ କରିଛି। ମହାସଂଘ ଜିଲା ସଭାପତି ମନୋଜ ପ୍ରଧାନଙ୍କ ନେତୃତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ କୁଇ ସମାଜ ସମ୍ପାଦକ ଇଂ ଅବନୀ କହଁର, କାର୍ଯ୍ୟକାରୀ ସଦସ୍ୟ କିଶୋର ଚନ୍ଦ୍ର ଘଟାଲ, ଫିରିଙ୍ଗିଆ ଶାଖା ସଭାପତି ମୁକୁନ୍ଦ କହଁର, କଟ୍ରିଙ୍ଗିଆ ଶାଖା ସଭାପତି ଭାସ୍କର କହଁର ଓ ଅନ୍ୟମାନେ ସାମିଲ ହୋଇଥିଲେ।

## ଗୋବଂଶର ସୁରକ୍ଷା ନେଇ ତହସିଲଦାରଙ୍କୁ ଦାବିପତ୍ର

ଖଣ୍ଡପଡ଼ା, ୨୮।୪ (ଅଜୟ କୁମାର ମହାରଣା)


ତହସିଲଦାରଙ୍କୁ ଦାବିପତ୍ର ଦିଆଯାଉଛି।

ଗୋ ସମ୍ମାନ ଦିବସ ପାଳନ ପରିପ୍ରେକ୍ଷୀରେ ଗୋ ବଂଶର ସୁରକ୍ଷା ନେଇ ସୋମବାର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଖଣ୍ଡପଡ଼ା ତହସିଲଦାର ବିଶ୍ୱବିଶ୍ରୁତ ତ୍ରିପାଠୀଙ୍କୁ ପ୍ରଦାନ କରାଯାଇଛି। ଖଣ୍ଡପଡ଼ା ଅଞ୍ଚଳର ଯୁବ ସଂଗଠନ ଓ ସ୍ୱେଚ୍ଛାସେବୀମାନେ ତହସିଲ କାର୍ଯ୍ୟାଳୟରେ ତହସିଲଦାରଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିବା ଅବସରରେ ଅବାଧ ଗୋ ଚାଲାଣ ଉପରେ ରୋକ ଲଗାଇବା, ଗୋ ବଂଶର ସୁରକ୍ଷା, ବିଭିନ୍ନ ସମୟରେ ଗୋ ଚାଲାଣ ବେଳେ ପୋଲିସ ପ୍ରଶାସନ ଦ୍ୱାରା ଉଦ୍ଧାର ଗୋରୁଙ୍କୁ ଗୋ ଶାଳାରେ ଥଇଥାନ ସହ ସେମାନଙ୍କର ରକ୍ଷଣାବେକ୍ଷଣ ପ୍ରତି ସ୍ୱତନ୍ତ୍ର ଭାବେ ପ୍ରଶାସନିକ ଅଧିକାରୀମାନେ ଧ୍ୟାନ ଦେବା, ଗୋ-ଚାଲାଣକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଗୋ ସୁରକ୍ଷା ଆଇନକୁ କଡ଼ାକଡ଼ି ଲାଗୁ କରିବା ଆଦି ପ୍ରସଙ୍ଗଗୁଡ଼ିକ ଉପରେ ତହସିଲଦାରଙ୍କ ସହ ସ୍ୱେଚ୍ଛାସେବୀମାନେ ଆଲୋଚନା କରିବା ସହ ବିଭିନ୍ନ କ୍ଷେତ୍ରରେ ତାଙ୍କର ସହଯୋଗ କାମନା କରିଥିଲେ। ଯୁବ ସଂଗଠକ ଜିତେନ୍ଦ୍ର କୁମାର କାଟିଆ, ସନାତନ କାଠୁଆ, କାମଧେନୁ ଗୋ ଶାଳାର ମୁଖ୍ୟ ପରିଚାଳକ ତଥା ଆଇନଜୀବୀ ପ୍ରଶାନ୍ତ କୁମାର ଦାଶ, ଦୁର୍ଯ୍ୟୋଧନ ପରିଡ଼ାଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

## ଗର୍ଭବତୀଙ୍କ ମୃତ୍ୟୁ ନେଇ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଉଠିଲା ପ୍ରଶ୍ନ

ଜି.ଉଦୟଗିରି, ୨୮।୪(ଚିନ୍ମୟ କୁମାର ସେଠୀ)

କନ୍ଧମାଳ ଜିଲା ଜି. ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରବିବାର ରାତିରେ ଜଣେ ଗର୍ଭବତୀଙ୍କ ଅକସ୍ମାତ୍ ମୃତ୍ୟୁ ଘଟିଛି। ଏହି ଘଟଣା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ସେ ଗର୍ଭଧାରଣଠାରୁ ୯ ମାସ ପର୍ଯ୍ୟନ୍ତ ରୁଟିନ ଚେକଅପ କରି ଆସିଥିଲେ ସୁଦ୍ଧା କେଉଁ କାରଣ ପାଇଁ ଗର୍ଭବତୀ ଓ ତାଙ୍କ ସନ୍ତାନଙ୍କ ଜୀବନହାନି ହେଲା ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜି.ଉଦୟଗିରି ବ୍ଲକ କୁମ୍ଭାରକୁପା ଗ୍ରାମର ରୋଶନ୍ ପ୍ରଧାନଙ୍କ ସ୍ତ୍ରୀ ସ୍ନେହଲତା ପ୍ରଧାନଙ୍କ ଗର୍ଭ ଯନ୍ତ୍ରଣା ହେବାରୁ ରୋଶନ ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ତାଙ୍କୁ ଲେବର ରୁମକୁ ନେବା ବେଳେ ସ୍ନେହଲତା ଅଧିକ ଅସୁସ୍ଥ ହୋଇ ପଡ଼ି ତଳେ ପଡିଯାଇଥିଲେ। ଆଶାକର୍ମୀ ଓ ନର୍ସ ରୋଶନଙ୍କ ସହାୟତାରେ ସ୍ନେହଲତାଙ୍କୁ ଲେବର ରୁମ୍‌କୁ ନେଇଥିଲେ। ସେଠାରେ ଡାକ୍ତର ରଘୁନନ୍ଦନ ବେହେରା ସ୍ନେହଲତାଙ୍କ ଚିକିତ୍ସା ଆରମ୍ଭ କରିଥିଲେ। ତେବେ ଚିକିତ୍ସାଧୀନ ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା। ଡାକ୍ତର ବେହେରା ସ୍ନେହଲତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଖବର ପ୍ରଚାର ହେବା ପରେ ସ୍ଥାନୀୟ ସରପଞ୍ଚ ଝରଣା ପ୍ରଧାନ ଓ ଗ୍ରାମବାସୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିଥିଲେ। ଆସନ୍ତା ୩ରେ ସ୍ନେହଲତାଙ୍କ ଡେଲିଭରି ତାରିଖ ଥିଲା। ଗର୍ଭବତୀଙ୍କ ମୃତ୍ୟୁ ନେଇ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ଚର୍ଚ୍ଚା ହେଉଛି। କେହିକେହି ଚିକିତ୍ସାରେ ଅବହେଳା ବୋଲି କହୁଥିବା ବେଳେ କେହି ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ଥିବା ସତ୍ତ୍ୱେ କିପରି ମହିଳା ଓ ଶିଶୁଙ୍କୁ ବଞ୍ଚାଇବାକୁ ପଦକ୍ଷେପ ନେଲେନି ବୋଲି କହୁଛନ୍ତି। ୫୦ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଜି. ଉଦୟଗିରି ଅଞ୍ଚଳରେ ଅଧିକ ସଂଖ୍ୟାରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଆବଶ୍ୟକ ଥିବା ବେଳେ ଅଞ୍ଚଳ ପ୍ରତି ସରକାରଙ୍କ ଉଦାସୀନତା ଯୋଗୁ ଏପରି ଲୋକଙ୍କ ଜୀବନହାନି ଘଟୁଥିବା ଅଭିଯୋଗ ହେଉଛି। ଡାକ୍ତରଙ୍କ ଲିଖିତ ଅଭିଯୋଗକୁ ଭିତ୍ତିକରି ସ୍ଥାନୀୟ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଏହାର ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ବିଜୟ ସ୍ୱାଇଁ କହିଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ମେଡିକାଲ ଇନ୍‌ଚାର୍ଜ ଡା. ରତିକାନ୍ତ ସାହୁଙ୍କୁ ପଚାରିବାରୁ ସେ କହିଲେ, ସମ୍ପୃକ୍ତା ଗର୍ଭବତୀଙ୍କ ମୃତ୍ୟୁର ସଠିକ୍ କାରଣ ଜଣାପଡିନି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ଜଣାପଡିବ।

## ଖବରଦାତାଙ୍କ ୪ ଦଫା ଦାବି ନେଇ ଜିଲାପାଳଙ୍କୁ ସ୍ମାରକପତ୍ର

ନୟାଗଡ଼, ୨୮।୪(ଲୋକନାଥ ମିଶ୍ର)

ଖବରଦାତାମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନୟାଗଡ଼ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ସ୍ମାରକପତ୍ର ଜିଲାପାଳ ମଧୁମିତା ରଥଙ୍କୁ ମଙ୍ଗଳବାର ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ ଦର୍ଶାଯାଇଥିବା ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ଅବସରପ୍ରାପ୍ତ ଖବରଦାତାମାନଙ୍କୁ ସମ୍ମାନଜନକ ପେନ୍‌ସନ ପ୍ରଦାନ କରିବା, କାର୍ଯ୍ୟରତ ଖବରଦାତାଙ୍କୁ ସୁରକ୍ଷା ପାଇଁ ତୁରନ୍ତ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା, ବ୍ଲକ, ଜିଲା ଏବଂ ରାଜ୍ୟସ୍ତରରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ସରକାରୀ ସ୍ୱୀକୃତି ପ୍ରଦାନ ପାଇଁ ଆକ୍ରିଡେସନ କମିଟି ଗଠନ କରି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଦାବି ରହିଛି। ସେହିପରି ସମସ୍ତ ଖବରଦାତାଙ୍କୁ ଉଦ୍ଦିଷ୍ଟ ସ୍ୱାସ୍ଥ୍ୟବୀମା ଯୋଜନାରେ ପରିବାରର ବାପ, ମା’ ଏବଂ ୨୫ ବର୍ଷରୁ ଊର୍ଦ୍ଧ୍ୱ ସନ୍ତାନମାନଙ୍କୁ ସାମିଲ କରିବାର ଅନୁରୂପ ଦାବି ରହିଛି। ଏ ଅବସରରେ ସଂଘର ସଦସ୍ୟମାନେ କହିଛନ୍ତି, ସାମ୍ବାଦିକମାନେ ସମାଜର ବିଭିନ୍ନ ସମସ୍ୟାକୁ ଲୋକଲୋଚନକୁ ଆଣୁଥିବା ବେଳେ ସେମାନଙ୍କର ନିଜ ସମସ୍ୟା ପ୍ରତି ସରକାର ଦୃଷ୍ଟି ଦେବା ଜରୁରୀ। ସ୍ମାରକପତ୍ର ପ୍ରଦାନ ସମୟରେ ନୟାଗଡ଼ ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରମୋଦ ପଟ୍ଟନାୟକ ଓ ସମ୍ପାଦକ ସୁବାସ ଚନ୍ଦ୍ର ମହାପାତ୍ରଙ୍କ ସମେତ ସଦସ୍ୟ ପୁରୁଷୋତ୍ତମ ମହାପାତ୍ର, ଗୋକୁଳ କୁମାର ଷଡ଼ଙ୍ଗୀ, ବିଭୂତି ଭୂଷଣ ପଟ୍ଟନାୟକ, ସୁଧାକର ମିଶ୍ର, ରଞ୍ଜନ ବେହେରା, ପ୍ରମୋଦ କୁମାର ନନ୍ଦ, ଜିତୁନ କୁମାର ମହାପାତ୍ର, ସତ୍ୟନାରାୟଣ ବେହେରା ଓ ଦୀପକ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତାମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# ୪ ବ୍ଲକ୍‌ର ୮ ଗାଁ ସାମିଲ

### ଗାଁ ପିଛା ଖର୍ଚ୍ଚ ହେବ ୪୦ ଲକ୍ଷ

### ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା ସଂକ୍ରାନ୍ତ ବୈଠକ

ନୟାଗଡ଼, ୨୮।୪(ଲୋକନାଥ ମିଶ୍ର)



ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

ନୟାଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା ସମ୍ପର୍କିତ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ଯୋଗ ଦେଇଥିଲେ। ଏଥିରେ ଦଶପଲ୍ଲା ବ୍ଲକ କଇଁଆଡିହ, କୁଲୁରୁକୁମ୍ପା, ଗୋଡିବିଡା ଓ ଖଣ୍ଡପଡା ବ୍ଲକ ଇଛାପୁର, ନୂଆଗାଁ ବ୍ଲକ ଥୁଆବାରୀ ଓ ନୂଆପଲ୍ଲା, ଓଡଗାଁ ବ୍ଲକ କୈବଲ୍ୟପୁର, ନୟାଗଡ଼ ବ୍ଲକ ହାଟଦ୍ୱାର ଆଦି ୮ ଗାଁ ସାମିଲ ହୋଇଛି। ସମ୍ପୃକ୍ତ ଗାଁଗୁଡିକରେ ୪୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅନୁଦାନ ଖର୍ଚ୍ଚ କରାଯାଇ ରୂପରେଖକୁ ବଦଳାଯିବ। ୪୦ ପ୍ରତିଶତ ଅନୁସୂଚିତ ଜାତିର ଲୋକ ବାସ କରୁଥିବା ଗାଁକୁ ଚିହ୍ନଟ କରି ଯୋଜନାରେ ପ୍ରଶାସନ ସାମିଲ କରୁଛି। ଏହା କେନ୍ଦ୍ର ସରକାରଙ୍କର ଏକ ଯୋଜନା। ବୈଠକରେ ଦଶପଲ୍ଲା, ନୂଆଗାଁ, ଖଣ୍ଡପଡା, ନୟାଗଡ ଏବଂ ଓଡଗାଁ ବ୍ଲକ ବିଡିଓ ଏବଂ ସହାୟକ ଯନ୍ତ୍ରୀ ଉପସ୍ଥିତ ଥିଲେ। ସେହିପରି ଜିଲାର ସମସ୍ତ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ, ନୂଆକରି ସାମିଲ ହୋଇଥିବା ପଞ୍ଚାୟତ ସରପଞ୍ଚମାନେ ମଧ୍ୟ ଅନୁରୂପ ଭାବେ ଉପସ୍ଥିତ ଥିଲେ।

#### ବଦଳୁନି ଗାଁର ରୂପରେଖ

ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ବିଗତ ଦିନରେ ନୂଆଗାଁ ବ୍ଲକର ଚଢ଼େଇମରା, ସୁରୁକାବାଡି ପରି ଗାଁ ସାମିଲ ହୋଇଥିଲା। ସେହିପରି ଜିଲାରେ ଅନେକ ଗାଁ ମଧ୍ୟ ଏଥିରେ ସାମିଲ ହୋଇଛି। ଚଢ଼େଇମରା, ସୁରୁକାବାଡି ପରି ଗାଁରେ ୪୦ ଲକ୍ଷ ସରକାରୀ ଅନୁଦାନ ଖର୍ଚ୍ଚ ହୋଇଥିଲା। ତେବେ ଗାଁର ଉନ୍ନୟନ କାର୍ଯ୍ୟକୁ ଦେଖିଲେ ଗାଁ ପୂର୍ବାପେକ୍ଷା ଅଧିକ ଅସୁନ୍ଦର ଦେଖାଯାଉଥିବା ଅଭିଯୋଗ ରହିଛି। ଗାଁର ବିକାଶ ନାଁରେ ସରକାରୀ ଅର୍ଥ ହଡପ ଚାଲିଛି। ନିମ୍ନମାନର କାମ ନେଇ ଅଭିଯୋଗ କଲେ କେହି ଶୁଣୁ ନାହାନ୍ତି। ତେବେ ଗାଁରେ କେବଳ ମାର୍ବଲ ଛାଉଣୀ ଫାଟକ କରାଯାଇ ବିକାଶର ଡିଣ୍ଡିମ ପିଟାଯାଉଛି। ନୂଆକରି ଅର୍ଥ ମଞ୍ଜୁର ହୋଇଥିବା ଗାଁ ଗୁଡ଼ିକରେ କିପରି ବିକାଶ ହେବ ସେଥିପ୍ରତି ଗୁରୁତ୍ୱ ଦେବାକୁ ଦାବି ଉଠିଛି। ଅନ୍ୟପକ୍ଷେ କେନ୍ଦ୍ର ସରକାରଙ୍କର ଏହି ମହତ ଯୋଜନାକୁ ଚାରି କାନ୍ଥ ମଧ୍ୟରେ ଆବଦ୍ଧ ନ ରଖି ସରକାରଙ୍କର ଉଦ୍ଦେଶ୍ୟ ପୂରଣ ହେଉଛି କି ନାଁ ସେ ସମ୍ପର୍କରେ ବୈଠକ କଲାବେଳେ ଗଣମାଧ୍ୟମର ପ୍ରତିନିଧିଙ୍କୁ ସାମିଲ କରାଯିବାକୁ ଦାବି ଉଠୁଛି।

